R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୨
ତିଥି: ଦଶମୀ
୦୪ ନଭେମ୍ବର ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
04 November 2026, Wednesday

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ

୧୮ ଏମ୍ଓୟୁ, ଆସିବ ୧.୧୭ ଲକ୍ଷ କୋଟି ନିବେଶ



◆ ନିବେଶକଙ୍କୁ ଓଡ଼ିଶା ଆମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୩।୧୧ (ସବୁ୍ୟ) : ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ 'ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬'ରେ ଓଡ଼ିଶା ୧୮ଟି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିବା ସହ ପ୍ରାୟ ୧,୧୭,୫୫୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟର ଅକ୍ଷୟ ଶକ୍ତି କ୍ଷେତ୍ରରେ ପ୍ରାୟ ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଯୋଡ଼ିହେବ।

ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏତେ ବଡ଼ ପୁଞ୍ଜିନିବେଶକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ଯେ, ଆଜିର ଦିନଟି ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ଐତିହାସିକ କ୍ଷଣ। ଓଡିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପୁଞ୍ଜିନିବେଶ ମୁଖ୍ୟତଃ ପମ୍ପଡ୍ ଷ୍ଟୋରେଜ୍, ସୌର ଓ ପବନ ଶକ୍ତି, ହାଇବ୍ରିଡ୍ ଅକ୍ଷୟ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ୍, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଡାଟା ସେଣ୍ଟର ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ କରିବା ଦିଗରେ ବିନିଯୋଗ ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

କୋଟିଆରେ ଆନ୍ଧ୍ର-ଓଡ଼ିଶା ମୁହାଁମୁହିଁ



କୋରାପୁଟ, ୩।୧୧ (ସବୁ୍ୟ) : ଓଡ଼ିଶା-ଆନ୍ଧ୍ରର ସୀମାନ୍ତବର୍ତ୍ତି ଅଞ୍ଚଳ ହେଉଛି କୋଟିଆ। ଦୀର୍ଘ ଦଶନ୍ଧୀ ଦଶନ୍ଧୀ ଧରି ଦୁଇ ରାଜ୍ୟ ମଧ୍ୟରେ କୋଟିଆକୁ ନେଇ ବିବାଦ ରହିଥିବା ବେଳେ ସମାଧାନ ନହୋଇ ପରିସ୍ଥିତି ବଢ଼ିବାରେ ଲାଗିଛି । ମଙ୍ଗଳବାର ଓଡ଼ିଶା- ଆନ୍ଧ୍ର ପୁଲିସ ମଧ୍ୟରେ ମୁହାଁମୁହିଁ ହୋଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା । ଆନ୍ଧ୍ର ସରକାର କୋଟିଆରେ ଭୋଟ ଗ୍ରହଣ କରିବା ପାଇଁ ଯୋଜନା କରୁଛି । ଆସନ୍ତା ୫ ତାରିଖରେ ମଦନାନ ହେବ ।

ଆନ୍ଧ୍ର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଓଡିଶା ପକ୍ଷରୁ କୋଟିଆ ସୀମାନ୍ତ ନେରିଡିବାଲସା, ଫଗୁସିନେରୀ ଓ ଫାଟୁ ସିନେରୀରେ ଚେକ ପୋଷ୍ଟ କରାଯାଇଥିଲା । ଏହି ଚେକ ପୋଷ୍ଟ ମାଧ୍ୟମରେ ଆନ୍ଧ୍ରର ଗତିବିଧି ନିୟନ୍ତ୍ରଣ କରାଯାଇଥିଲା । ସୋମବାର ନେରିଡିବାଲସାରେ ଆନ୍ଧ୍ରର ଏକ ରାସନ ଚାଉଳ ଗାଡିକୁ ଉକ୍ତ ଚେକ ପୋଷ୍ଟ ନିକଟରେ ଅଟକା ଯାଇଥିଲା । ସେହି ସ୍ଥାନରେ ଆନ୍ଧ୍ର ସମର୍ଥକ ଓ ଓଡିଶା ପୁଲିସ ମଧ୍ୟରେ ମୁହାଁ ମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା । (୯ ପୃଷ୍ଠାରେ)

ଅନିର୍ଦ୍ଦିଷ୍ଟକାଳ ଲାଗି ଆନ୍ଦୋଳନ ନାଁରେ ସ୍ଥାନ ଦଖଲ କରିହେବନାହିଁ

ନୂଆଦିଲ୍ଲୀ, ୩।୧୧ : ଆନ୍ଦୋଳନ ନାଁରେ କୌଣସି ସ୍ଥାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦଖଲ କରି ରଖିହେବ ନାହିଁ। ଏପରିକି ଆନ୍ଦୋଳନ ପାଇଁ ନିର୍ଦ୍ଧାରିତ ସ୍ଥାନଗୁଡ଼ିକରେ ମଧ୍ୟ ସମୟସୀମା ରହିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମତ ଦେଇଛନ୍ତି। ଦିଲ୍ଲୀର ଜନ୍ତରମନ୍ତର ଓ ରାମଲୀଳା ମୈଦାନରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନ ଆୟୋଗ ବିରୋଧରେ ଆୟୋଜିତ ଆନ୍ଦୋଳନକୁ ନେଇ ଶୁଣାଣି ବେଳେ ଅଦାଲତ ଏହି ଟିପ୍ପଣୀ ଦେଇଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, "କୌଣସି ସ୍ଥାନକୁ ସବୁଦିନ ପାଇଁ ଦଖଲ କରିହେବ ନାହିଁ। ଅନ୍ୟ ଆନ୍ଦୋଳନକାରୀଙ୍କର ମଧ୍ୟ ଅଧିକାର ରହିଛି। କୃଷକ ଓ ଓକିଲମାନେ କେଉଁଠାକୁ ଯିବେ? ସମସ୍ତଙ୍କର ଆନ୍ଦୋଳନ କରିବାର ଅଧିକାର ରହିଛି।"

କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାନ୍ୟାୟବାଦୀ ତୁଷାର ମେହେଟା କହିଥିଲେ, ଯେଉଁମାନେ (୯ ପୃଷ୍ଠାରେ)

ଭୁବନେଶ୍ୱରରେ ଡା. ଅଶୋକ ମହାପାତ୍ରଙ୍କ ମରଶରୀର



ଭୁବନେଶ୍ୱର, ୩।୧୧ (ସବୁ୍ୟ) : ପ୍ରଖ୍ୟାତ ସ୍ନାୟୁ ସଲ୍ୟ ଚିକିତ୍ସକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ମର ଶରୀର ଆଜି ଭୁବନେଶ୍ୱରରେ ପହଞ୍ଚିଛି। ନୂଆଦିଲ୍ଲୀରୁ ବିମାନଯୋଗେ ତାଙ୍କ ମର ଶରୀର ସନ୍ଧ୍ୟା ୮.୩୦ରେ ପହଞ୍ଚିଥିଲା। ବିମାନ ବନ୍ଦରରେ ତାଙ୍କ ମର ଶରୀରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଏକାମ୍ର ବିଧାୟକ ବାବୁ ସିଂ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମର ଶରୀର ସହ ସ୍ୱର୍ଗତ ଅଶୋକ ମହାପାତ୍ରଙ୍କ ପତ୍ନୀ ଓ ଝିଅ ନୂଆଦିଲ୍ଲୀରୁ ଆସିଥିଲେ। (୯ ପୃଷ୍ଠାରେ)

ବନ୍ୟାରେ ପ୍ରଭାବିତ ତିନି ଜିଲ୍ଲାକୁ ୪ ଆଇଏଏସ୍‌ଙ୍କୁ ଦାୟିତ୍ୱ

ଭୁବନେଶ୍ୱର, ୩।୧୧ (ସବୁ୍ୟ): ବନ୍ୟାରେ ପ୍ରଭାବିତ ଜିଲ୍ଲାରେ କ୍ଷୟକ୍ଷତି ଆକଳନ, ପ୍ରଭାବିତ ହିତାଧିକାରୀଙ୍କ ନକଟରେ କ୍ଷତିପୂରଣ ପ୍ୟାକେଜ୍ ପହଞ୍ଚାଇବା ସୁନିଶ୍ଚିତ କରିବା, ଭିତ୍ତିଭୂମି ମରାମତି ତ୍ୱରାନ୍ୱିତ କରିବା ଓ ଜିଲ୍ଲା ପ୍ରଶାସନ ସହ ସମନ୍ୱୟରକ୍ଷା କରିବା ଲାଗି ୪ ଜଣ ଆଇଏଏସ ଅଧିକାରୀଙ୍କୁ ଅତିରିକ୍ତ ସ୍ପେଶାଲ୍ ରିଲିଫ୍ କମିଶନର ଭାବେ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରି ଅବସ୍ଥାପିତ କରାଯାଇଛି । ମଙ୍ଗଳବାର ବାତ୍ୟା ଓ ବନ୍ୟାର କ୍ଷୟକ୍ଷତି ଅନୁଧ୍ୟାନ ନିମନ୍ତେ ଆସିଥିବା କେନ୍ଦ୍ରୀୟ ଟିମ୍ ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରୁଥିବା ବେଳେ ଆସନ୍ତାକାଲି(ବୁଧବାର) ଗଞ୍ଜାମ ଜିଲ୍ଲାରେ କ୍ଷୟକ୍ଷତି ଆକଳନ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଜିଲ୍ଲାମାନଙ୍କରେ ଜିଲ୍ଲାପାଳମାନେ କେନ୍ଦ୍ରୀୟ ଟିମର ପରିଦର୍ଶନସ୍ଥଳ ସ୍ଥିର କରି ସେମାନଙ୍କୁ ସହାୟତା କରୁଛନ୍ତି ।

ବାତ୍ୟା ଅର୍ଣ୍ଣବ ଯୋଗୁ ଲଗାଣ ବର୍ଷା ଓ ତା' କାରଣରୁ ଆସିଥିବା ବନ୍ୟା ପ୍ରଭାବରେ ବିଶେଷ ଭାବେ ପ୍ରଭାବିତ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ (୯ ପୃଷ୍ଠାରେ)







ମହାକାଶରେ ହାଲୋୱିନ୍

ବର୍ତ୍ତମାନ ହାଲୋୱିନର ମାହୋଲ ସବୁସ୍ଥାନରେ ଦେଖିବାକୁ ମିଳୁଛି । ତେବେ ଏଥିରୁ ବାଦ ପଡିନାହାନ୍ତି ମହାକାଶଚାରୀ । ହାଲୋୱିନ୍ ଅବସରରେ ମହାକାଶରେ ସୁପରହିରୋ ଅବତାର ଦେଖିବାକୁ ମିଳିଛି, ଯେଉଁଥିରେ ନାସାର ପ୍ରାକ୍ତନ ମହାକାଶଚାରୀ ପେଗି ୱିଟସନ୍ ବ୍ୟାଟମ୍ୟାନ୍ ପୋଷାକ ପିନ୍ଧି ନିଜର ଏକ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି । ସମସ୍ତଙ୍କୁ ହାଲୋୱିନ୍‌ର ଶୁଭେଚ୍ଛା ଜଣାଇବା ସହ ସେ ମଜାଳିଆ ଭଙ୍ଗୀରେ ଲେଖିଛନ୍ତି ଯେ ସ୍ୱଳ୍ପ କାରଣ ଯୋଗୁଁ ମହାକାଶରେ ସୁପରହିରୋ ପୋଷାକ ସଦାସର୍ବଦା ଏକ ପ୍ରିୟ ପସନ୍ଦ ହୋଇଆସିଛି । ମହାକାଶରୁ ଆସିଥିବା ଏହି ସୁପରହିରୋ ଲୁକ୍ ଏବଂ ଆନନ୍ଦଦାୟକ ବାର୍ତ୍ତା ସୋସିଆଲ୍ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

ପୃଥିବୀରେ ମଙ୍ଗଳ ପଥରର ଠାବ

୨୦୨୨ ମସିହାରେ ସାହାରା ମରୁଭୂମିରୁ ମିଳିଥିବା ପ୍ରାୟ ୮୦୦ ଗ୍ରାମ୍ ଓଜନର ଏକ ଗୋଲାପୀ ରଙ୍ଗର ପଥର ମଙ୍ଗଳ ଗ୍ରହର ହୋଇଥିବା ସ୍ପଷ୍ଟ ହୋଇଛି । ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'ର ସହାୟତାରେ କରାଯାଇଥିବା ଗବେଷଣାରୁ ପ୍ରମାଣିତ ହୋଇଛି ଯେ 'ଟେଘାଜା ୦୦୧' ନାମକ ଏହି ଉଲ୍‌କାପିଣ୍ଡଟି ୪.୧ ବିଲିୟନ୍ ବା ୪୧୦ କୋଟି ବର୍ଷରୁ ଅଧିକ ପୁରୁଣା । ବର୍ତ୍ତମାନ ଏହାର ବିଭିନ୍ନ ଖଣ୍ଡ ବିଶେଷକୁ ୪ଟି ବାକ୍ସ ଓ ପ୍ୟାକେଟ୍‌ରେ ସୁରକ୍ଷିତ ରଖାଯାଇଛି । ଆରମ୍ଭରୁ ଏହାର ଉତ୍ପତ୍ତି ସମ୍ପର୍କରେ ଜଣାନଥିବାରୁ ବୈଜ୍ଞାନିକମାନେ ଏଥିରେ ଥିବା ଅମ୍ଳଜାନ ଆଇସୋଟୋପ୍ ଅନୁପାତ ପରୀକ୍ଷା କରି ଏହା ମଙ୍ଗଳ ଗ୍ରହର ପଥର ସହ ମିଶୁଥିବା ସ୍ପଷ୍ଟ କରିଥିଲେ । ପରବର୍ତ୍ତୀ ସମୟରେ ଏହାର ସୂକ୍ଷ୍ମ ଗଠନ, ଖଣିଜ ରଚନା, ରାସାୟନିକ ବୈଶିଷ୍ଟ୍ୟ ଏବଂ ସୂକ୍ଷ୍ମ 'ଜିରକନ୍' କ୍ରିଷ୍ଟାଲ୍‌ର ଅନୁଧାନ କରି ଏହାର ପ୍ରକୃତ ବୟସ ନିରୂପଣ କରିଛନ୍ତି । ଏହି ପଥରରେ ଥିବା ଖଣିଜ ପଦାର୍ଥ ଓ ସେଗୁଡ଼ିକର ବାହ୍ୟ ଗଠନରୁ ସ୍ପଷ୍ଟ ସୂଚନା ମିଳିଛି ଯେ ମଙ୍ଗଳ ଗ୍ରହର ପ୍ରାରମ୍ଭିକ ଇତିହାସରେ ଜଳ ସହ ଏହି ପଥରଗୁଡ଼ିକର ସଂସ୍ପର୍ଶ ଆସିଥିଲା । ଯାହା ପ୍ରମାଣ କରେ ଯେ ଅତୀତରେ ମଙ୍ଗଳ ଗ୍ରହ ଆଜି ପରି ଅଧିକ ଥଣ୍ଡା ଓ ଶୁଷ୍କ ନଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ବୈଜ୍ଞାନିକମାନଙ୍କୁ ମଙ୍ଗଳର ପ୍ରାଚୀନ ପରିବେଶ, ସେଠାରେ ଜଳର ପରିମାଣ ଏବଂ ସମୟକ୍ରମେ ଜଳ କିପରି ହ୍ରାସ ପାଇଲା ତାହା ବୁଝିବାରେ ସାହାଯ୍ୟ କରିବ । ଯଦିଓ ଜଳର ସନ୍ଧାନ ମିଳିବା ଦ୍ୱାରା ମଙ୍ଗଳରେ ଜୀବସତ୍ତା ଥିବା ସମ୍ପୂର୍ଣ୍ଣ ପ୍ରମାଣିତ ହୁଏ ନାହିଁ ଏବଂ ଏଥିପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି । କୌଣସି ବିଶାଳ ମହାକାଶୀୟ ପିଣ୍ଡର ଧକ୍କା ଯୋଗୁଁ ମଙ୍ଗଳ ପୃଷ୍ଠରୁ ବିଚ୍ଛିନ୍ନ ହୋଇ ଦୀର୍ଘ ମହାକାଶ ଯାତ୍ରା ପରେ ପୃଥିବୀରେ ପଡ଼ିଥିବା ଏହି ପଥରଟି ମଙ୍ଗଳରୁ ଆସିଥିବା ସବୁଠାରୁ ପ୍ରାଚୀନ ଉଲ୍‌କାପିଣ୍ଡଗୁଡ଼ିକ ମଧ୍ୟରୁ ଅନ୍ୟତମ । ଯାହା ମରୁଭୂମି ଅଞ୍ଚଳ ହୋଇଥିବାରୁ ସହଜରେ ଚିହ୍ନଟ ହୋଇପାରିଥିଲା ।



ଦିଆଙ୍କ କ୍ଷୋଭ

ଦିପାବଳୀ ନିମନ୍ତେ ବାଣ ନ ଫୁଟାଇ ପରିବେଶ ଅନୁକୂଳ ପର୍ବ ପାଳନ କରିବାକୁ ଅଭିନେତ୍ରୀ ଦିୟା ମିର୍ଜାଙ୍କ ଅପିଲ୍ ସମ୍ବଳିତ ଏକ ସଚେତନତା ଭିଡିଓକୁ ବୃହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ନିଜ ସୋସିଆଲ୍ ମିଡିଆ ପୃଷ୍ଠାରୁ ହଟାଇ ଦେବା ଘଟଣା ସ୍ଥାନୀୟ ରାଜନୀତିକୁ ଚର୍ଚ୍ଚାର ଖୋରାକ ଯୋଗାଉଛି । ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ମୁମ୍ବାଇରେ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ବିଏମ୍‌ସି ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଏହି ପ୍ରଚାର ପ୍ରସାର ଆରମ୍ଭ କରିଛି । ମୁମ୍ବାଇ ବିଜେପି ସଭାପତି ଅମିତ ସାତମ୍ ଏହାକୁ ବିରୋଧ କରି ଆମକୁ ଦିୱାଳୀ କିପରି ପାଳନ କରାଯାଏ ତାହା ଅନ୍ୟ କାହାଠାରୁ ଶିଖିବାର ଆବଶ୍ୟକତା ନାହିଁ ବୋଲି 'ଏକ୍ସ'ରେ ପୋଷ୍ଟ କରିଛନ୍ତି । ବିଏମ୍‌ସି ଏହି ଭିଡିଓକୁ ନିଜର ଆକାଉଣ୍ଟରୁ ହଟାଇ ଦେଇଛି, ଯଦିଓ ମାଧୁରୀ ଦୀକ୍ଷିତ ଓ କ୍ରିକେଟର ଅଜିଙ୍କ୍ୟ ରାହାଣେଙ୍କ ଭିଡିଓ ଅପରିବର୍ତ୍ତିତ ରହିଛି । ତେବେ ଏହାକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଆରମ୍ଭ ହୋଇଛି । ଏହାକୁ ନେଇ କ୍ଷୋଭ ପ୍ରକାଶ କରି ଦିୟା ମିର୍ଜା କହିଛନ୍ତି ଯେ ବାୟୁ ପ୍ରଦୂଷଣ ଏକ ଜନସ୍ୱାସ୍ଥ୍ୟ ସମସ୍ୟା ଏବଂ ସେ ବିନା କୌଣସି ପାରିଶ୍ରମିକରେ ଜନସ୍ୱାର୍ଥରେ ଏହି କାର୍ଯ୍ୟ କରିଥିଲେ । ମାତ୍ର ଆଜିକାଲି ଭଲପାଇଁ କୌଣସି ସ୍ଥାନ ନାହିଁ । ଅନ୍ୟପଟେ ମୁମ୍ବାଇ ମେୟର ରିତୁ ତାୱଡେ ଅଭିଯୋଗ କରିଛନ୍ତି ଯେ ଦିୟା ସଦାସର୍ବଦା ନର୍ମଦା ପ୍ରକଳ୍ପ, ୟୁସିସି, ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ତଥା ହିନ୍ଦୁତ୍ୱ ବିରୋଧୀ ଆଭିମୁଖ୍ୟ ରଖିଆସୁଥିବାରୁ ବିଏମ୍‌ସି ତାଙ୍କୁ ବ୍ଲାକଲିଷ୍ଟ କରିଛି । ବିଜେପି ମନ୍ତ୍ରୀ ନୀତେଶ ରାଣେ ମଧ୍ୟ କେବଳ ହିନ୍ଦୁ ପର୍ବରେ ଉପଦେଶ ଦେଉଥିବା ନେଇ ଦିୟାଙ୍କୁ ସମାଲୋଚନା କରିଛନ୍ତି । ଅପରପକ୍ଷରେ ଶିବସେନା ନେତ୍ରୀ କିଶୋରୀ ପେଡନେକର ଓ ଏମଏନଏସ ଏହି ନିଷ୍ପତ୍ତିକୁ ନିନ୍ଦା କରି ବିଏମ୍‌ସି ବିଜେପିର ଚାପ ସାମ୍ନାରେ ମୁଣ୍ଡ ନୁଆଁଇଥିବା ଅଭିଯୋଗ କରିଛନ୍ତି ।



ଇତିହାସ

୧୬୧୮- ମୋଗଲ ଶାସକ ଔରଙ୍ଗଜେବଙ୍କ ଜନ୍ମ ।
୧୮୭୨- ଦିଲ୍ଲୀରେ ଜଳ ଯୋଗାଣ ଯୋଜନା ଔପଚାରିକ ରୂପେ ଶୁଭାରମ୍ଭ ହେଲା ।
୧୮୭୨- ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ ମ୍ୟାରୀ ଟୋଡ୍‌ଙ୍କ ସହିତ ବିବାହ ବନ୍ଧନରେ ବାନ୍ଧିହେଲେ ।
୧୯୨୪- ବାୟୋମିଙ୍ଗର ନେଲି ଟେଲୋ ରସ୍ ସଂଯୁକ୍ତ ରାଷ୍ଟ୍ର ଆମେରିକାରେ ପ୍ରଥମ ମହିଳା ଗଭର୍ଣ୍ଣର ରୂପେ ନିଯୁକ୍ତି ପାଇଲେ ।
୧୯୨୯- ଭାରତୀୟ ଲେଖିକା ଶକୁନ୍ତଳା ଦେବୀଙ୍କ ଜନ୍ମ ।
୧୯୫୪- ଦାର୍ଜିଲିଙ୍ଗରେ ହିମାଳୟ ପର୍ବତାରୋହଣ ସଂସ୍ଥାର ସ୍ଥାପନା କରାଗଲା ।
୧୯୯୫- ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ।
୨୦୦୮- ବାରାକ ଓବାମା ଆଫ୍ରିକୀୟ ମୂଳ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ହେଲେ ।

ଶନଗ୍ରହରେ ଅବସ୍ଥାପିତ ହେବ ବ୍ୟକ୍ତିଙ୍କ ନାଁ

ଶନି ଗ୍ରହକୁ ପଠାଯିବ ସାଧାରଣ ଲୋକଙ୍କ ନାଁ । ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଶନି ଗ୍ରହର ସବୁଠାରୁ ବଡ଼ ଉପଗ୍ରହ 'ଟାଇଟାନ୍'କୁ ପ୍ରେରଣ କରାଯାଉଥିବା ଏହାର 'ଡ୍ରାଗନ୍‌ଫ୍ଲାଇ' ରୋଟରକ୍ରାଫ୍ଟ ମାଧ୍ୟମରେ ସାଧାରଣ ଲୋକଙ୍କ ନାଁ ଶନିକୁ ପଠାଯିବ । ଏଥିପାଇଁ ନାସା ଲୋକଙ୍କୁ ନିଜ ନାମ ପଠାଇବା ପାଇଁ ଆମନ୍ତ୍ରଣ କରୁଛି । ନାସାର ୱେବସାଇଟ୍ ମାଧ୍ୟମରେ ୨୦୨୭ ମସିହା ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ନିଜର ବିବରଣୀ ଦାଖଲ କରି ଲୋକମାନେ ଏହି ମିଶନ୍‌ରେ ଭାଗ ନେଇପାରିବେ । ଯେଉଁଠାରେ ସେମାନଙ୍କ ନାମଗୁଡ଼ିକୁ ଏକ ମାଇକ୍ରୋଚିପ୍‌ରେ ସଂରକ୍ଷିତ କରି ମହାକାଶଯାନରେ ରଖାଯିବ ଏବଂ ପ୍ରତିଯୋଗୀଙ୍କୁ ଏକ ବ୍ୟକ୍ତିଗତ ଡିଜିଟାଲ୍ ବୋର୍ଡିଂ ପାସ୍ ମଧ୍ୟ ପ୍ରଦାନ କରାଯିବ । ପ୍ରଥମ ଥର ପାଇଁ ଏଭଳି ବୈଜ୍ଞାନିକ ମିଶନ୍ ପାଇଁ ନିର୍ମିତ ରୋଟରକ୍ରାଫ୍ଟ ସାହାଯ୍ୟରେ ଟାଇଟାନ୍‌ର ବିବିଧ ପରିବେଶକୁ ଅନୁଧାନ କରାଯିବ । ଏହାସହ ଜୀବସତ୍ତା ପାଇଁ ଅନୁକୂଳ ସ୍ଥିତିର ସନ୍ଧାନ କରାଯିବ । ଜନ୍ମ ହପକିନ୍ସ ଆପ୍ଲାଏଡ୍ ଫିଜିକ୍ସ ଲାବୋରେଟୋରୀ ଦ୍ୱାରା ନିର୍ମିତ ଓ ଏଲିଜାବେଥ୍ ଟର୍ଟଲଙ୍କ ମୁଖ୍ୟ ନିର୍ଦ୍ଦେଶନାରେ ପରିଚାଳିତ ଏହି 'ଡ୍ରାଗନ୍‌ଫ୍ଲାଇ' ମିଶନ୍‌କୁ ୨୦୨୮ ରେ ଉତ୍କ୍ଷେପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ଏହା ୨୦୩୪ ସୁଦ୍ଧା ଟାଇଟାନ୍‌ରେ ପହଞ୍ଚିବାନେଇ ସୂଚନା ରହିଛି । ଘନ ବାୟୁମଣ୍ଡଳ, ତରଳ ମିଥେନ୍ ନଦୀ, ହ୍ରଦ, ବାଲିକୁଦ ଏବଂ ଜୈବିକ ପଦାର୍ଥରେ ସମୃଦ୍ଧ ଟାଇଟାନ୍‌ର ବିଭିନ୍ନ ସ୍ଥାନକୁ ଉଡ଼ିଯାଇ ଏହି ଯାନଟି ପ୍ରାକ୍-ଜୈବିକ ରସାୟନ ବିଜ୍ଞାନ ସମ୍ପର୍କିତ ସୂଚନା ସଂଗ୍ରହ କରିବ, ଯାହା ମହାକାଶରେ ଜୀବସତ୍ତା ସୃଷ୍ଟି ପାଇଁ ଆବଶ୍ୟକ ଉପାଦାନ ଓ ସ୍ଥିତିକୁ ବୁଝିବାରେ ବୈଜ୍ଞାନିକମାନଙ୍କୁ ସହାୟକ ହେବ ।



ବିନା ପାଣି ପିଇ ୪୮ ବର୍ଷ

ଆମେରିକୀୟ ଇନଭେଷ୍ଟର ୯୬ ବର୍ଷୀୟ ୱାରେନ୍ ବଫେ ଗତ ୪୮ ବର୍ଷ ହେବ ପାଣି ପିଇ ନାହାଁନ୍ତି । ତେବେ ତାଙ୍କୁ ଶୋଷ ଲାଗୁଥିବା ସମୟରେ ସେ ପାଣି ବଦଳରେ କେବଳ କୋକା-କୋଲା ପିଇଥାନ୍ତି ବୋଲି ଜଣାପଡିଛି । ଏକ ରାତ୍ରୀଭୋଜନ ସମୟରେ ଏହି ରହସ୍ୟ ସମ୍ପର୍କରେ ଜଣାପଡିଥିଲା । ଯେଉଁଠାରେ ୱାରେନ୍ ପ୍ରତିଦିନ ଅତିକମରେ ପାଞ୍ଚଟି କୋକା-କୋଲା କ୍ୟାନ୍ ପିଉଥିବା ପ୍ରକାଶ କରିଥିଲେ । ତେବେ ସେ ପୂର୍ବରୁ ପେପ୍ସି ପିଉଥିଲେ ବୋଲି ଜଣାଇଥିଲେ । ଏପରିକି ତାଙ୍କ ଶରୀରର ଏକ ଚତୁର୍ଥାଂଶ କୋକା - କୋଲାରେ ତିଆରି ବୋଲି ସେ ଅନେକ ସମୟରେ ମଜାକ ଅନ୍ଦାଜରେ ମତ ଦେଇଛନ୍ତି । ଏହି ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।



ସୋସିଆଲ କୋଟ୍ସ



ଜଣେ ଅଭିନେତା ହିସାବରେ ଆମର ଦାୟିତ୍ୱ ହେଲା ଏଭଳି ଫିଲ୍ମରେ ଅଭିନୟ କରିବା ଯାହା ସମାଜ ଉପରେ ସକରାତ୍ମକ ପ୍ରଭାବ ପକାଇବ । ଏଥିପ୍ରତି ମୁଁ ସବୁବେଳେ ଧ୍ୟାନ ଦେଇଥାଏ ।
ରଣବୀର କପୁର, ଅଭିନେତା



ରାତି ୨ଟା ପରେ ମୁଁ ସୁଟିଂ କରେ ନାହିଁ । ସବୁବେଳେ ସାତରୁ ଆଠ ଘଣ୍ଟା ଶୋଇବାର ଆବଶ୍ୟକତା ରହିଛି । ଏପରି ନହେଲେ ମୋତେ ଅଭିନୟ କରିବାରେ ଅସୁବିଧା ହୋଇଥାଏ ।
ପଙ୍କଜ ତ୍ରିପାଠୀ, ଅଭିନେତା



ସଲମାନ ସାରଙ୍କ ସହିତ କାମ କରିବା ଖୁବ ମଜାଦାର । ସେ ମୋତେ ଛୋଟ ପିଲା ଭଳି ଟ୍ରିଟ୍ କରନ୍ତି । ଭଲ ପାଆନ୍ତି ଏବଂ ଘର ଲୋକଙ୍କ ଭଳି ଗାଳି ମଧ୍ୟ କରନ୍ତି ।
ରାଘବ ଜୁଏଲ, ଡ୍ୟାନ୍ସର

ମାଗଣା ଡେଟିଂ ଟ୍ରିପ୍



ବିଶ୍ୱର ଅନ୍ୟତମ ସୁଖୀ ଦେଶ ଫିଲାଣ୍ଡ ପକ୍ଷରୁ ସିଙ୍ଗଲ ଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ଅନନ୍ୟ ଡେଟିଂ ଯାତ୍ରାର ଅଫର୍ ଦିଆଯାଇଛି । ଯେଉଁଥିରେ ଚୟନ ହୋଇଥିବା ପ୍ରାର୍ଥୀମାନେ ବିମାନ ଟିକେଟ୍, ହୋଟେଲ୍ ଏବଂ ଖାଦ୍ୟପେୟ ବାବଦରେ ଗୋଟିଏ ବି ପଇସା ଖର୍ଚ୍ଚ କରିବେ ନାହିଁ । ସେମାନଙ୍କର ଡେଟିଂ ଡିନର୍ ମଧ୍ୟ ସମ୍ପୂର୍ଣ୍ଣ ମାଗଣା ରହିବ । ଫିଲାଣ୍ଡର ପର୍ଯ୍ୟଟନ ବୋର୍ଡ 'ଭିଜିଟ୍ ଫିନଲ୍ୟାଣ୍ଡ' ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନରେ ୧୮ ବର୍ଷ କିମ୍ବା ତାଠାରୁ ଅଧିକ ବୟସ୍କ ବ୍ୟକ୍ତିମାନେ ଆବେଦନ କରିପାରିବେ । ଯାହା ପାଇଁ ଆବେଦନକାରୀଙ୍କୁ ଏକ ସଂକ୍ଷିପ୍ତ ଇଂରାଜୀ ଭିଡିଓ ପ୍ରସ୍ତୁତ କରି ଡେଟ୍‌ରେ କ'ଣ ପରିବେଷଣ କରିବେ ଏବଂ କାହିଁକି ତାହା ବର୍ଣ୍ଣନା କରିବାକୁ ପଡ଼ିବ । ଏହି ଭିଡିଓକୁ ଇନଷ୍ଟାଗ୍ରାମ, ଟିକଟକ୍ କିମ୍ବା ୟୁଟ୍ୟୁବ୍‌ରେ # ଫିନିସଡିନରଡେଟ ହ୍ୟାସ୍‌ଟାଗ୍ ସହିତ ନଭେମ୍ବର ୧୦ ସୁଦ୍ଧା ପୋଷ୍ଟ କରିବାକୁ ପଡ଼ିବ। ଏହାପରେ ଡିସେମ୍ବର ୧ରେ ଚୟନିତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ । ଆଗାମୀ ୨୦୨୭ ମସିହା ଫେବୃଆରୀ ୯ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟ୍ରିପରେ ଚୟନ ହୋଇଥିବା ପ୍ରାର୍ଥୀମାନେ ହେଲସିଙ୍କି ଏବଂ ଟାମ୍ପେରେ ଅଞ୍ଚଳର ସ୍ଥାନୀୟ ଅବିବାହିତମାନଙ୍କ ସହିତ ଗ୍ରୁପ୍ ଡିନର୍‌ରେ ଯୋଗଦେବେ । ଯେଉଁଠାରେ ମାଛ, ବେରୀ ଏବଂ ଛତୁରେ ପ୍ରସ୍ତୁତ ପାରମ୍ପରିକ ଫିନିସ୍ ଖାଦ୍ୟ ପରିବେଷଣ କରାଯିବ । ତେବେ ଏହା କୌଣସି ବ୍ଲାଏଣ୍ଡ ଡେଟ୍ ନୁହେଁ ବରଂ ମିଳିତ ଭାବେ ଖାଦ୍ୟ ଖାଇବା ଏବଂ ନୂତନ ଲୋକଙ୍କୁ ଭେଟିବାର ଏକ ସୁଯୋଗ ଅଟେବୋଲି ଆୟୋଜକ ମତ ଦେଇଛନ୍ତି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୨
ତିଥି : ଦଶମୀ
୦୪ ନଭେମ୍ବର ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
04 November 2026, Wednesday

समय SAMAYA
ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ଆନ୍ତଃଜିଲ୍ଲା ଡକାୟତ ଗ୍ୟାଙ୍ଗ୍ ଠାବ : ୧୨ ଗିରଫ

ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ୧୫ଟି ଚୋରି ମାମଲାର ପର୍ଦ୍ଦାଫାସ୍

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଆନ୍ତଃଜିଲ୍ଲା ଚୋରି ଗ୍ୟାଙ୍ଗ ର ପର୍ଦ୍ଦାଫାସ୍ କରିବା ସହ ପୁଲିସ ୧୨ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ୧୧ଜଣ ଅଭିଯୁକ୍ତ ଥିବାବେଳେ ଅନ୍ୟ ଜଣେ ଚୋରି ସାମଗ୍ରୀ କିଣିଥିବା ବ୍ୟକ୍ତି ରହିଛନ୍ତି। ଏହି ଗିରଫ ଫଳରେ ଖୋର୍ଦ୍ଧା ଓ ପଡ଼ୋଶୀ ନୟାଗଡ଼ ଜିଲ୍ଲାରେ ଘଟିଥିବା ୧୫ଟି ଚୋରି ମାମଲାର ପର୍ଦ୍ଦାଫାସ କରିଛି ପୁଲିସ। ସେମାନଙ୍କଠାରୁ ପ୍ରାୟ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ଜବତ କରିଛି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ୍ ପର୍ଶୋତମ ଦାସ ଏହି ସୂଚନା ଦେଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଅଂଚଳ ରେ ଘଟିଥିବା ଚୋରି ଘଟଣାଗୁଡ଼ିକର ତଦନ୍ତରେ ଏହି ଗିରଫଦାରୀ ଏକ ବଡ଼ ସଫଳତା ବୋଲି ଏସ୍ପି କହିଛନ୍ତି। ୧୫ଟି ମାମଲା ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନାରେ ୭ଟି, ନାରୁଣୀ ଥାନାରେ ୩ଟି, ବାଣପୁର ଥାନାରେ ୨ଟି ଓ ବାଲୁଗାଁ ଥାନାରେ ଗୋଟିଏ ମାମଲା ରହିଛି। ଅବଶିଷ୍ଟ ୨ଟି ମାମଲା ନୟାଗଡ଼ ଜିଲ୍ଲାର ଚାନ୍ଦପୁର ଥାନାରେ ରୁଜୁ ହୋଇଥିଲା। ଗତ ଅକ୍ଟୋବର ୨୭ତାରିଖ ରାତିରେ ବାଣପୁରସ୍ଥିତ ଏକ ଅଳଙ୍କାର ଦୋକାନରେ ହୋଇଥିବା ବଡ଼ଧରଣର ଚୋରି ଘଟଣା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା।

ଅଭିଯୋଗକାରୀ ନିରଞ୍ଜନ ପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ଦୁର୍ବୃତମାନେ ଦୋକାନର ପଛ ପାଖରେ ଥିବା ପ୍ରାୟ ୧୦ ଇଞ୍ଚ କାନ୍ଥ ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ବାଣପୁର ର ନିରଞ୍ଜନ ଜ୍ୱଏଲର୍ସରୁ ସେମାନେ ପ୍ରାୟ ୫ଲକ୍ଷ ଟଙ୍କା ନଗଦ ଅର୍ଥ, ୪୦୦ଗ୍ରାମ ସୁନା ଅଳଙ୍କାର ଓ ପ୍ରାୟ ୧୩କିଲୋଗ୍ରାମ ରୁପା ସାମଗ୍ରୀ ଲୁଟି ନେଇଥିଲେ। ଏନେଇ ବାଣପୁର ଥାନାରେ କେସ୍ ନଂ ୪୩୯/୨୦୨୬, ତାରିଖ ୨୮.୧୦.୨୦୨୬ରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୩୦୫(କ) ଓ ୩୩୧(୪) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ସେହିପରି ସେପ୍ଟେମ୍ବର ୧୪ ତାରିଖ ଭୋର ସମୟରେ ଅଭିଯୋଗକାରୀ ଅବନୀ ବରାଳଙ୍କ ଘରେ ମଧ୍ୟ ଚୋରି ହୋଇଥିଲା। ଦୁର୍ବୃତମାନେ ତାଙ୍କ କୋଠରିର ତାଲା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରି ନେଇଥିବା ସେ ଅଭିଯୋଗ କରିଥିଲେ। ଏନେଇ ଟାଙ୍ଗୀ ଥାନାରେ କେସ୍ ନଂ-୬୭୭/୨୦୨୬ରେ ବିଏନ୍ଏସ୍ ର ଧାରା ୩୦୫(କ) ଓ ୩୩୧(୪) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଏସ.ପିଙ୍କ ସୂଚନା ଅନୁଯାୟୀ, ଟାଙ୍ଗୀ, ନାରୁଣୀ, ବାଣପୁର ଓ ବାଲୁଗାଁ ଥାନା ଅଂଚଳ ସମେତ ନୟାଗଡ଼ ଜିଲ୍ଲାର ଚାନ୍ଦପୁର ଅଂଚଳ ରେ ଏଭଳି ଏକାଧିକ ଚୋରି ଘଟଣା ଘଟିଥିଲା। ବାରମ୍ବାର ସମାନ ଧରଣର ଚୋରି ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲା ପୁଲିସ ତଦନ୍ତକୁ ତୀବ୍ର କରିବା ସହ ବିଭିନ୍ନ ଥାନା ମଧ୍ୟରେ ସମନ୍ୱୟ ରକ୍ଷା କରି ଅଭିଯାନ ଆରମ୍ଭ କରିଥିଲା।



ଏସ.ପି ଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଉପଖଣ୍ଡ ପୁଲିସ ଅଧିକାରୀ (ଏସ୍ଡିପିଓ) ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ଦୁଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଗାତାର ଚଢ଼ଉ କରାଯାଇଥିଲା। ଏହି ସମନ୍ୱିତ ଅଭିଯାନରେ ୧୧ଜଣ ଅଭିଯୁକ୍ତ ଓ ଜଣେ ଚୋରି ସାମଗ୍ରୀର ଗ୍ରହୀତାଙ୍କ ସମେତ ମୋଟ ୧୨ଜଣ ପୁଲିସ ଅଭିଯୁକ୍ତମାନଙ୍କଠାରୁ ପ୍ରାୟ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ଜବତ କରିଛି। ଦୁଇଟି ଜିଲ୍ଲାରେ ବିସ୍ତାରିତ ଏହି ଚୋରି ନେଟ୍ୱାର୍କ ର ପର୍ଦ୍ଦାଫାସ୍ ଓ ୧୫ଟି ମାମଲାର ପର୍ଦ୍ଦାଫାସ ପୁଲିସର ଏକ ବଡ଼ ସଫଳତା ଭାବେ ଦେଖାଯାଉଛି ଗିରଫ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡ଼ି ଗ୍ରାମର ରାଜୁ ପ୍ରଧାନ, ଗଞ୍ଜାମ ଜିଲ୍ଲା ତରାସିଂ ଗ୍ରାମର ଜଳନ୍ଧର ପାତ୍ର, ଶିବ ପାତ୍ର ଓ ସାଗର ପାତ୍ର, ବାଲୁଗାଁ ଥାନା ଅନ୍ତର୍ଗତ ଦିନବନ୍ଧୁପୁର ଗ୍ରାମର କହ୍ନେଇ ସିକାରୀ, ବାଣପୁର ଥାନା ଅନ୍ତର୍ଗତ ଜିଗିଡ଼ିପଡ଼ା ଗ୍ରାମର ଗୋପାଳ ସିକାରୀ, ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡ଼ି ଗ୍ରାମର ତୋଫାନ ପ୍ରଧାନ ଓ ବାଣୀ ପ୍ରଧାନ, ନାରୁଣୀ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମର ଅଜୟ ପ୍ରଧାନ ଓ ତୋଟାଗାଁ ର ସଞ୍ଜୟ ପ୍ରଧାନ ଏବଂ ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ବନ୍ଧଗ୍ରାମର ଏନ୍. ରାଜେଶ। ସେହିପରି ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଖୋର୍ଦ୍ଧା ଜିଲ୍ଲା ନାରୁଣୀ ଥାନା ଅଂଚଳ ର ବଡପଦର ଗ୍ରାମର ପ୍ରକାଶ ସାହୁଙ୍କୁ ଗିରଫ କରାଯାଇଛି।

୫୦୦ ଗ୍ରାମ ସୁନା ଓ ୧୧ କିଲୋ ରୁପା ଅଳଙ୍କାର ଜବତ

ଓସିପିଏଲ୍‌ର ମନୋହରପୁର କୋଇଲା ଖଣିକୁ ସମ୍ମାନଜନକ ୫-ଷ୍ଟାର୍ ଆଚିଭର୍ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ପାନୀର ମନୋହରପୁର କୋଇଲା ଖଣିକୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟର ଷ୍ଟାର୍ ରେଟିଂ କାର୍ଯ୍ୟକ୍ରମ ଅଧୀନରେ ସମ୍ମାନଜନକ ୫-ଷ୍ଟାର୍ ଆଚିଭର୍ ପୁରସ୍କାର ପ୍ରଦାନ କରାଯାଇଛି। ୨ ନଭେମ୍ବର ୨୦୨୬ ତାରିଖରେ ଛତିଶଗଡ଼ର ରାୟପୁରଠାରେ ଆୟୋଜିତ ବାର୍ଷିକ ଷ୍ଟାର୍ ରେଟିଂ ପୁରସ୍କାର ସମାରୋହରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ସ୍ୱୀକୃତି ଓସିପିଏଲ୍‌ର ଖଣି ପରିଚାଳନାରେ ଉତ୍କର୍ଷତା, ବୈଜ୍ଞାନିକ ପଦ୍ଧତିର ଅନୁସରଣ ଏବଂ ସ୍ଥାୟୀ ଖଣି କାର୍ଯ୍ୟପ୍ରଣାଳୀ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କୋଇଲା ମନ୍ତ୍ରଣାଳୟଦ୍ୱାରା ଷ୍ଟାର ରେଟିଂ କାର୍ଯ୍ୟକ୍ରମ କୋଇଲା ଖଣିଗୁଡ଼ିକୁ ବିଭିନ୍ନ ପାରାମିଟର ଉପରେ ମୂଲ୍ୟାଙ୍କନ କରାଯାଇଥାଏ, ଯେପରିକି କାର୍ଯ୍ୟକ୍ଷମ ଦକ୍ଷତା, ପରିବେଶ ପରିଚାଳନା, ସୁରକ୍ଷା, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ସ୍ଥାୟୀ ବିକାଶ, ପୁନର୍ବାସ ଏବଂ ପୁନର୍ବାସ, ଏବଂ ସମ୍ପ୍ରଦାୟ ସମ୍ପୃକ୍ତି। ୫-ଷ୍ଟାର୍ ଆଚିଭର୍ ପୁରସ୍କାର ଖଣିର ଏହି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନର କାର୍ଯ୍ୟଦକ୍ଷତାକୁ ସୂଚିତ କରେ। ଓସିପିଏଲ୍ ନିଜର ଖଣି କାର୍ଯ୍ୟକୁ ଅଧିକ ଦକ୍ଷ ଓ ସୁସଂଗଠିତ କରିବା ସହିତ ଉନ୍ନତ ଯୋଜନା, ଶ୍ରେଷ୍ଠ କାର୍ଯ୍ୟପ୍ରଣାଳୀ, ପରିବେଶ ସୁରକ୍ଷା, କର୍ମକ୍ଷେତ୍ରରେ ନିରାପତ୍ତା ଏବଂ ସମ୍ପଦର ସଠିକ୍ ବିନିଯୋଗ ଉପରେ ଗୁରୁତ୍ୱ ଦେଇଆସୁଛି। ଏହି ସଫଳତା ଓସିପିଏଲ୍‌ର ପରିଚାଳନା ମଣ୍ଡଳୀ, କର୍ମଚାରୀ ଏବଂ ମନୋହରପୁର ଖଣିର ସମଗ୍ର ଟିମ୍‌ର ସାମୂହିକ ନିଷ୍ଠା, ଉଦ୍ୟମ ଓ କଠିନ ପରିଶ୍ରମର ପ୍ରତିଫଳନ। ନିରାପତ୍ତା, ସ୍ଥାୟୀତ୍ୱ, ସ୍ୱଚ୍ଛତା ଏବଂ ସମାବେଶୀ ବିକାଶର ମୂଲ୍ୟବୋଧକୁ ଆଧାର କରି ଏକ ଦାୟିତ୍ୱପୂର୍ଣ୍ଣ ଓ ଦକ୍ଷ କୋଇଲା ଖଣି ସଂସ୍ଥା ଭାବେ ଆଗକୁ ବଢ଼ିବା ପାଇଁ ଓସିପିଏଲ୍‌ର ସଂକଳ୍ପକୁ ଏହି ପୁରସ୍କାର ଆହୁରି ଦୃଢ଼ କରିଛି।



ଛାତ୍ରୀ ନିବାସରେ ଜଣ୍ଡିସ୍ : ଉତ୍କଳ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, (ସବ୍ୟୁ) : ଛାତ୍ରୀ ନିବାସରେ ଜଣ୍ଡିସ୍ ବ୍ୟାପିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ସବୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଦୁଇଜଣ ଛାତ୍ରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ୮ଜଣ ଛାତ୍ରୀଙ୍କ ନମୂନା ସଂଗ୍ରହ କରାଯାଇଛି ପରୀକ୍ଷା ପାଇଁ । ଅନ୍ୟ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିବା ସୂଚନା ମିଳିଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସ-୭ରେ ଅନ୍ତେବାସୀଙ୍କୁ ଜଣ୍ଡିସ୍ ହୋଇଥିବା ଚିହ୍ନଟ ହେବା ପରେ ପ୍ରଶାସନିକ ମହଲରେ ତତ୍ପରତା ପ୍ରକାଶ ପାଇଛି । ସଂକ୍ରମଣରୁ ଜଣ୍ଡିସ ହୋଇଥିବା ସନ୍ଦେହ କରି ଟାଙ୍କିରୁ ପାଣି ଛାତ୍ରୀଙ୍କୁ ପିଇବାକୁ ଦିଆଯାଉ ନାହିଁ । ବାହାରୁ ଟ୍ୟାଙ୍କରରୁ ପାଣି ମଗାଯାଇ ପିଇବାକୁ ଦିଆଯାଉଛି । ସେଥିପାଇଁ ହଷ୍ଟେଲ ଟାଙ୍କିର ଜଳ ନମୂନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି । ଗୋବିନ୍ଦ ସାହୁ ମାର୍କେଟ ସମେତ କ୍ୟାମ୍ପସ୍‌ରେ ଚାଟ୍, ଗୁପ୍‌ଚୁପ୍ ଓ ଫାଷ୍ଟଫୁଡ୍‌କୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି କର୍ତ୍ତୃପକ୍ଷ । ଯେଉଁ ନମୂନା ସବୁ ସଂଗ୍ରହ କରାଯାଇଛି ତା'ର ପରୀକ୍ଷା ରିପୋର୍ଟ ଆସିବା ପରେ ଜଣ୍ଡିସ୍ ହେବାର କାରଣ ସ୍ପଷ୍ଟ ହେବ ବୋଲି ଖବର ମିଳିଛି । ଛାତ୍ରୀ ନିବାସ-୭ରେ ଜଣ୍ଡିସ୍ ବ୍ୟାପିବା କାରଣରୁ ପରୀକ୍ଷା ସ୍ଥଗିତ ରଖାଯାଇଥିବା ବେଳେ ଭୟରେ ବହୁ ଛାତ୍ରୀ ହଷ୍ଟେଲ ଛାଡି ଘରକୁ ଚାଲିଯାଇଥିବା ଜଣାପଡ଼ିଛି । ସଂକ୍ରମିତ କେତେକ ଛାତ୍ରୀ ମଧ୍ୟ ଚିକିତ୍ସା ପାଇଁ ନିଜ ଘରକୁ ଯାଇଥିବା ଜଣାପଡିଛି ।



ଲୋମାରେ ଜଳିବଦା: ଦୁଇଟି ଜେନେରେଟର ସହିତ ଏକ ଶକ୍ତିଶାଳୀ ସୌର ପ୍ରକଳ୍ପ (ଫଟୋ) ସ୍ଥାନୀୟ ଅଞ୍ଚଳରେ ଆଲୋକ ବିସ୍ତାର କରିବ

ଭୁବନେଶ୍ୱର, (ସପ୍ଟ୍ୟୁ): ଭାରତର ବିଶ୍ୱ ସାକ୍ଷ୍ୟ ବିରଞ୍ଚିଖଣ୍ଡ ଦୁଇଟି ଦୁଇଟରେ (ଫଟୋ) ଅଞ୍ଚଳ ଧୂମ୍ରାଗାର ମଧ୍ୟରେ ଚିତ୍ରାଯାଇଛି ମଧ୍ୟରେ ଏକ ଶିଖା ଏଥିରେ ଦୁଇଟି ଦୁଇ ଦୁଇଟି (ଲୋମା) ଘରଗୁଡିକର ଆଲୋକ ଅଞ୍ଚଳ ଦୁଇଟି ଦୁଇଟି ଏକାଦଶର ଚାଷ ଅଞ୍ଚଳରେ ଚିତ୍ରିତ ଦୁଇଟି ଦୁଇଟି ଶବ୍ଦ

ତମାଖୁ ଓ ନକଲି ଗୁଟଖା କାରବାର ଉପରେ ଚଢ଼ାଉ, ୫ ଗିରଫ



ବ୍ରହ୍ମପୁର, (ସବୁ୍ୟ): ବେଆଇନ ଭାବେ ନିଷିଦ୍ଧ ତମାଖୁ ଓ ନିମ୍ନମାନର ନକଲି ଗୁଟଖା ଉତ୍ପାଦନ ଏବଂ ବିକ୍ରି କାରବାର ବିରୋଧରେ ବଡ଼ ଧରଣର ଚଢ଼ାଉ କରିଛି ବଡ଼ବଜାର ଥାନା ପୋଲିସ । ଏହି ଚଢ଼ାଉରେ ୫ ଜଣଙ୍କୁ ଗିରଫ କରାଯିବା ସହ ୨୯୭୭ ପ୍ୟାକେଟ୍ ନିଷିଦ୍ଧ ଗୁଟଖା ଜବତ କରାଯାଇଛି । ସେମାନେ ହେଲେ ହେଲେ ଗୋସାଇଁ ନୂଆଗାଁ ଥାନା ଅନ୍ତର୍ଗତ କୌଟିକ ନଗରର ରମେଶ ପାଣିଗ୍ରାହୀ (୫୫), ବଡ଼ବଜାର ଥାନା ଅନ୍ତର୍ଗତ ବାଛୁବାରୀ ସାହିର ବି. ତ୍ରିମଳେଶ୍ୱର ସୁବୁଦ୍ଧି (୪୨), ଜେନା ସାହିର ସଦାନନ୍ଦ ଗୌଡ଼ ଓରଫ ଟିଙ୍କା (୬୩), ନୂଆ କାଳୁପାତ୍ର ସାହିର ବାବୁଲା ସାହୁ ଏବଂ ଗଣପତି ନଗର ପ୍ରଥମ ଲାଇନର ନାରାୟଣ ସାହୁ (୬୦) । ମାମଲା ନଂ ୮୪୨/୨୬ ରେ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଯାଞ୍ଚ ବେଳେ ସଦାନନ୍ଦ ଗୌଡ଼ଙ୍କ ନାମରେ ପୂର୍ବରୁ ୪ଟି ମାମଲା ରହିଥିବା ବେଳେ ନାରାୟଣ ସାହୁଙ୍କ ନାମରେ ୨ଟି ଓ ବାବୁଲା ସାହୁଙ୍କ ନାମରେ ମଧ୍ୟ ୨ଟି ମାମଲା ରହିଥିବା ଜଣାପଡିଛି । ଫେରାର ଥିବା ମୁଖ୍ୟ କାରଖାନା ମାଲିକ ସେନ୍ତାଷ ପାତ୍ରଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ।

ଗତ ୨ ତାରିଖ ସନ୍ଧ୍ୟାରେ ନିଷିଦ୍ଧ ଓ ନିମ୍ନମାନର ତମାଖୁ ଜାତୀୟ ଦ୍ରବ୍ୟ ଗଚ୍ଛିତ ରଖି ବିକ୍ରି କରାଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ବଜାର ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ଗୌଡ଼ ସାହି, ବାଛୁବାରୀ ସାହି ଓ ଶଙ୍କର ବଜାରରେ ଥିବା ତିନୋଟି ଖୁଚୁରା ଦୋକାନରୁ "ଅରିଜିନାଲ ଗୋକୁଳ ଡିଲକ୍ସ ମିକ୍ସ" ଓ "ବିନ୍ଦାସ ଗୋକୁଳ ଡିଲକ୍ସ ମିକ୍ସ" ନାମରେ ବିକ୍ରି ହେଉଥିବା ବିପୁଳ ପରିମାଣର ନିଷିଦ୍ଧ ଗୁଟଖା ଜବତ ହୋଇଥିଲା । ଖୁଚୁରା ବ୍ୟବସାୟୀଙ୍କୁ ପଚରାଉଚରା କରିବାରୁ ବାବୁଲା ସାହୁ ଓ ନାରାୟଣ ସାହୁ ନାମକ ଦୁଇ ଜଣ ଏହି ଗୁଟଖାର ହୋଲସେଲ୍ ଯୋଗାଣକାରୀ ବୋଲି ଜଣାପଡ଼ିଥିଲା । ପରେ ନୂଆ କାଳୁପାତ୍ର ସାହି ଓ ଗଣପତି ନଗର ପ୍ରଥମ ଲାଇନରେ ଚଢ଼ାଉ କରି ପୋଲିସ ବାବୁଲା ଓ ନାରାୟଣଙ୍କୁ ଧରିଥିଲା ।

ଘର ମାଲିକଙ୍କୁ ଆକ୍ରମଣ, ଦୁଇ ଗିରଫ

ବ୍ରହ୍ମପୁର, (ସବୁ୍ୟ): ଘରଭଡ଼ାକୁ ନେଇ ବିବାଦରୁ ଘର ମାଲିକଙ୍କୁ ଆକ୍ରମଣ ଘଟଣାରେ ଦୁଇଜଣଙ୍କୁ ଗୋଶାଣିନୁଆଗାଁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ହିଲପାଟଣା ଗୋପବନ୍ଧୁ ନଗର ପ୍ରଥମ ଲେନର ମନୋଜ ସାମନ୍ତରା (୪୦) ଏବଂ ବ୍ରହ୍ମପୁର କଦଳୀବାଡ଼ ସାହିର ନିରଞ୍ଜନ ରାଉତ (୫୪) । ଉଭୟ ଅଭିଯୁକ୍ତଙ୍କୁ କେସ୍ ନଂ ୪୪୧/୨୬ ପୋଲିସ କୋର୍ଟ ଚାଲାଣ କରିଛି । ହିଲପାଟଣା ଗୋପବନ୍ଧୁ ନଗର ପ୍ରଥମ ଲେନର ବାସିନ୍ଦା ଗୋପବନ୍ଧୁ ପାତ୍ର (୬୬)ଙ୍କ ଘରକୁ ମନୋଜ ସାମନ୍ତରା ମାସିକ ୯ ହଜାର ଟଙ୍କା ଭଡ଼ାରେ ନେବାକୁ ରାଜି ହୋଇଥିଲେ । ଏଥିପାଇଁ ୨୦ ହଜାର ଟଙ୍କା ଅଗ୍ରିମ ଦେବାକୁ ସ୍ଥିର ହୋଇଥିବା ବେଳେ ସେ ୧୦ ହଜାର ଟଙ୍କା ଦେଇ ତିନିଦିନ ଘରେ ରହିଥିଲେ ।

ତେବେ ମନୋଜ ପ୍ରତିଦିନ ନିଶାପନ କରି ପାଟିତୁଣ୍ଡ କରିବା ସହ ଅସ୍ୱାଭାବିକ ଆଚରଣ ଦେଖି ଘର ମାଲିକ ତାଙ୍କୁ ଘର ଛାଡ଼ିବାକୁ କହିଥିଲେ । ଏହାପରେ ଅଗ୍ରିମ ଟଙ୍କାରୁ ଏକ ହଜାର ଟଙ୍କା ଭଡା ବାବଦକୁ ରଖି ବାକି ୯ ହଜାର ଟଙ୍କା ତାଙ୍କୁ ଫେରାଇ ଘର ଛାଡି ଦେବାକୁ କହିଥିଲେ । ଏହାପରେ ମଧ୍ୟ ମନୋଜ ତାଙ୍କ ପରିବାର ସହ ସେହି ଘରେ ରହୁଥିଲେ । ଗତ ୧ ତାରିଖରେ ସେ କୌଣସି କାମରେ ବାହାରକୁ ଯାଇଥିଲେ । ସନ୍ଧ୍ୟାରେ ସେ ଉକ୍ତ ଘରକୁ ତାଙ୍କ ସହଯୋଗୀ ଫେରିଥିଲେ । ଘର ମାଲିକ ଉକ୍ତ ଭଡାଟିଆଙ୍କ ସ୍ତ୍ରୀ 'ଙ୍କୁ ଘରୁ ବାହାର କରିଦେଇଥିଲେ । ସନ୍ଧ୍ୟାରେ ମନୋଜ ଫେରି ସ୍ତ୍ରୀ ଓ ଛୁଆମାନେ ବାହାରେ ଥିବା ଦେଖି ଉତକ୍ଷିପ୍ତ ହୋଇ ତାଙ୍କ ସହଯୋଗୀ ମିଶି ଏକ କାଠ ଫାଳିଆ ଘର ମାଲିକଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ପୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଆଘାତ ଲାଗିଥିଲା । ସେ ଆହତ ହୋଇଥିଲେ, ଚିକିତ୍ସିତ ହେବା ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବୋଲି କହିଛି ।

ଆଦାନୀ ଫାଉଣ୍ଡେସନର ରିଲିଫ୍ ସହାୟତା

୬,୫୦୦ ପରିବାରଙ୍କୁ ଶୁଖିଲା ରାସନ୍ କିଟ୍



ଛତ୍ରପୁର, (ସବୁ୍ୟ) :ଗଞ୍ଜାମ ଜିଲ୍ଲାରେ ସାମୁଦ୍ରିକ ଝଡ଼ ଅର୍ଣ୍ଣବ ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ପରିବାରଙ୍କୁ ସହାୟତା ଯୋଗାଇବା ପାଇଁ ଆଗେଇ ଆସିଛି ଆଦାନୀ ଫାଉଣ୍ଡେସନ । ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ବ୍ୟାପକ ରିଲିଫ୍ ସହାୟତା କାର୍ଯ୍ୟକ୍ରମରେ ସାମିଲ ହୋଇ ଆଦାନୀ ଗ୍ରୁପ୍ର ସାମାଜିକ କଲ୍ୟାଣ ଓ ବିକାଶମୂଳକ ଶାଖା, ଆଦାନୀ ଫାଉଣ୍ଡେସନ ପକ୍ଷରୁ ପ୍ରାୟ ୬,୫୦୦ ବନ୍ୟା ପ୍ରଭାବିତ ପରିବାରଙ୍କ ଉଦ୍ଦେଶ୍ୟରେ ଶୁଖିଲା ରାସନ୍ କିଟ୍ ତୁରନ୍ତ ଯୋଗାଇ ଦିଆଯାଇଛି । ପ୍ରଭାବିତ ଅଞ୍ଚଳରେ ଏହି ରିଲିଫ କିଟ୍ ଗଞ୍ଜାମ ଜିଲ୍ଲା ପ୍ରଶାସନ ଦ୍ୱାରା ବଣ୍ଟନ କାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଆଦାନୀ ଫାଉଣ୍ଡେସନ ସାମଗ୍ରୀ ଗୁଡ଼ିକର ସୁରୁଖୁରୁ ଏବଂ ସମୟାନୁବର୍ତ୍ତୀ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟଗତ ସହାୟତା ପ୍ରଦାନ କରୁଛି । ଯାହାଦ୍ୱାରା ରିଲିଫ ସାମଗ୍ରୀଗୁଡ଼ିକ ଉପଯୁକ୍ତ ସମୟରେ ଏବଂ ସୁଗମ ଭାବେ ପ୍ରଭାବିତ ପରିବାରଙ୍କ ନିକଟରେ ପହଞ୍ଚିପାରିବ । ପ୍ରତ୍ୟେକ ରିଲିଫ୍ କିଟ୍‌ରେ ଚାଉଳ, ଡାଲି, ରିଫାଇନ୍ ତେଲ, ଚିନି, ଚୁଡ଼ା, ବିସ୍କୁଟ୍, ମହମବତୀ ଓ ଦିଆସିଲି ଭଳି ଅତ୍ୟାବଶ୍ୟକ ଶୁଖିଲା ଖାଦ୍ୟ ଓ ଘରୋଇ ସାମଗ୍ରୀ ରହିଛି । ଏହି ସାମଗ୍ରୀ ଗୁଡ଼ିକ ଏକ ପରିବାରର ପ୍ରାୟ ଦୁଇରୁ ତିନି ଦିନର ମୌଳିକ ଖାଦ୍ୟ ଆବଶ୍ୟକତା ପୂରଣ କରିବା ସହିତ ଏହି କଠିନ ସମୟରେ ପ୍ରଭାବିତ ପରିବାରଙ୍କୁ ତତ୍କାଳ ସହାୟତା ପ୍ରଦାନ କରିବ । ଆଦାନୀ ଫାଉଣ୍ଡେସନର ଏହି ପଦକ୍ଷେପ ଜରୁରୀକାଳୀନ ପରିସ୍ଥିତି ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମାଜ ସହିତ ଦୃଢ଼ ଭାବେ ଠିଆ ହେବା ଭଳି ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଜିଲ୍ଲା ପ୍ରଶାସନ ଓ ସରକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଗୋପାଳପୁର ବନ୍ଦର ଓ ଆଦାନୀ ଫାଉଣ୍ଡେସନ ନିରନ୍ତର ଭାବେ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟ କରିଆସୁଛନ୍ତି ।

ପୋଖରୀରେ ବୁଡ଼ି ଶିଶୁପୁତ୍ରର ମୃତ୍ୟୁ

ବୁଗୁଡା, (ସବୁ୍ୟ): ବୁଗୁଡ଼ା ଥାନା ଅନ୍ତର୍ଗତ ଖୋଳଖାଲି ଗ୍ରାମରେ ପୋଖରୀରେ ବୁଡି ଦେଢବର୍ଷର ଶିଶୁପୁତ୍ରଟିଏ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତ ଶିଶୁଟି ହେଲା ସାଗର ରଣାଙ୍କ ପୁଅ ଦିବ୍ୟାଂଶୁ ରଣା । ପ୍ରକାଶ ଯେ, ଘର ଲୋକଙ୍କ ନଜରରୁ ଖସିଆସି ଶିଶୁଟି ବାରିପଟ ପୋଖରୀକୁ ଚାଲିଯାଇଥିଲା । ଶିଶୁଟିକୁ ଘରେ ନପାଇ ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ତାକୁ ପୋଖରୀରେ ଭାସମାନ ଅବସ୍ଥାରେ ପାଇଥିଲେ । ଶିଶୁଟିକୁ ପୋଖରୀରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ୍ ନଂ ୩୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଘଟଣାର ତଦନ୍ତ ଦାୟିତ୍ୱରେ ଏଏସଆଇ ଉପେନ୍ଦ୍ର କ୍ରାସ୍କା ରହିଥିବା ଜଣାଯାଇଛି ।

ଭଞ୍ଜପୁର ପୋଲିସର ବଡ଼ ସଫଳତା: ୩ ଗିରଫ କାରରୁ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଓ ଲକ୍ଷାଧିକ ଟଙ୍କା ଜବତ



ବାରିପଦା, (ସବୁ୍ୟ) : ମୟୂରଭଞ୍ଜ ଜିଲ୍ଲା ଭଞ୍ଜପୁର ପୋଲିସକୁ ମିଳିଛି ବଡ଼ ସଫଳତା । ଲକ୍ଷ୍ମୀପୋଷିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ସୁବର୍ଣ୍ଣରେଖା କେନାଲ ରାସ୍ତାରେ ଚଢ଼ାଉ କରି ପୋଲିସ ଏକ ପଶ୍ଚିମବଙ୍ଗ ନମ୍ବର ବିଶିଷ୍ଟ କାରରୁ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଓ ନଗଦ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିସହ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଲକ୍ଷ୍ମୀପୋଷି କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ଦେଇ ଏକ କାରରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ଭଞ୍ଜପୁର ପୋଲିସକୁ ଗୁଇନ୍ଧା ସୂଚନା ମିଳିଥିଲା । ଏହାପରେ ପୋଲିସ ଟିମ୍ ତୁରନ୍ତ ଉକ୍ତ ଅଞ୍ଚଳରେ ନାକାବନ୍ଦୀ କରି ଯାନବାହନ ଯାଞ୍ଚ ଆରମ୍ଭ କରିଥିଲା । ଏହି ସମୟରେ ସନ୍ଦିଗ୍ଧ କାରଟିକୁ ଅଟକାଇ ତଲାସି କରିବାରୁ ଗାଡ଼ି ଭିତରୁ ୧ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ମିଳିଥିଲା । ପୋଲିସ ଗାଡ଼ିରେ ଥିବା ତିନିଜଣଙ୍କୁ ଅଟକ ରଖିବା ସହ ଗଞ୍ଜେଇ, ନଗଦ ଟଙ୍କା ଓ ଚାଲାଣରେ ବ୍ୟବହୃତ କାରଟିକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ଥାନାରେ ପଚରାଉଚରା କରାଯାଉଛି । ଏହି ଗଞ୍ଜେଇ କେଉଁଠାରୁ ଆସିଥିଲା ଏବଂ କେଉଁଠାକୁ ଚାଲାଣ ହେଉଥିଲା, ତାହାର ଖୋଳତାଡ଼ ଚାଲିଛି । ଏଥିସହ ଏହି ଚାଲାଣ ରାକେଟ୍‌ରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ବଦଳିକୁ ମାସାଆର୍ମୀର ସ୍ୱାଗତ

ବାରିପଦା, (ସବୁ୍ୟ) : ମାସାଆର୍ମୀ ସଂଗଠନର ଦୀର୍ଘଦିନର ଦାବି ପରେ ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କ ବଦଳି ହୋଇଛି । ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛି ସଂଗଠନ । ସୂଚନାଯୋଗ୍ୟ, ଜିଲ୍ଲାର ବିଭିନ୍ନ ଆଶ୍ରମ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ଏବଂ ଛାତ୍ରଛାତ୍ରୀଙ୍କ ଖାଦ୍ୟ, ରହିବା ଓ ଅନ୍ୟାନ୍ୟ ଖର୍ଚ୍ଚରେ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ କରି ମାସାଆର୍ମୀ ପକ୍ଷରୁ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲା । ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବଦଳି ଦାବିରେ ବିଭିନ୍ନ ସମୟରେ ଧାରଣା ଓ ପ୍ରତିବାଦ କରାଯିବା ସହ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକାଧିକବାର ଦାବିପତ୍ର ପ୍ରଦାନ କରାଯାଇଥିଲା । ସଂଗଠନର ଦାବିକୁ ବିଚାରକୁ ନେଇ ରାଜ୍ୟ ସରକାର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ବଦଳି କରିଥିବାରୁ ମାସାଆର୍ମୀ ଏହାକୁ ସ୍ୱାଗତ କରିଛି । ଏଥିସହ ବଦଳି ପାଇଁ ପଦକ୍ଷେପ ନେଇଥିବା ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଈଶ୍ୱର ନାଏକ ଓ ନେତ୍ରାନନ୍ଦ ମଲ୍ଲିକଙ୍କୁ ମଧ୍ୟ ସଂଗଠନ ପକ୍ଷରୁ ଧନ୍ୟବାଦ ଜଣାଯାଇଛି । ତେବେ ଆଶ୍ରମ ବିଦ୍ୟାଳୟରେ ଶିକ୍ଷା, ଖାଦ୍ୟ ଓ ରହିବା ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବଦଳି ନହେବା ପର୍ଯ୍ୟନ୍ତ ସଂଗଠନର ଗଣତାନ୍ତ୍ରିକ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ସୁକୁଲାଲ ମାରାଣ୍ଡି କହିଛନ୍ତି ।

ସୁନା ନିଲାମ ସମ୍ପର୍କିତ ବିଜ୍ଞପ୍ତି

ବଜାଜ ଫାଇନାନ୍ସ ଲିମିଟେଡ୍ ("BFL");

ପଞ୍ଜୀକୃତ କାର୍ଯ୍ୟାଳୟ: ୪ତମ ତଳ, ବଜାଜ୍ ଫିନସର୍ଭ ହାଉସ୍, ପୁନେ-ଅହମଦନଗର୍ ରୋଡ୍, ବିମାନ ନଗର, ପୁନେ - 411014

BAJAJ FINANCE

ଋଣଗ୍ରହୀତାମାନଙ୍କୁ ଏବଂ ସାଧାରଣ ଜନତାଙ୍କୁ ଏତଦ୍ଦ୍ୱାରା ସୂଚିତ କରାଯାଉଛି ଯେ, କାରମ୍ଭାର ନୋଟିସ୍ ଦିଆଯିବା ସତ୍ତ୍ୱେ ନିମ୍ନରେ ଉଲ୍ଲେଖିତ ଋଣଗ୍ରହୀତାମାନେ ବକେୟା ରାଶି ପରିଶୋଧ କରିବାରେ ଏବଂ/କିମ୍ବା ଆବଶ୍ୟକ ମାର୍ଜିନ୍ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ଏହି ଜାଣତରୁ, ଋଣ ପରିଶୋଧ ପାଇଁ ବନ୍ଧକ ଭାବେ ଋଣଗ୍ରହୀତାମାନେ ପ୍ରଦାନ କରିଥିବା ସୁନାକୁ "ଯେପରି ଅଛି ସେହିପରି, ଯେଉଁଠାରେ ଅଛି ସେହିଠାରେ" ଭିତ୍ତିରେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ନିଲାମ କରାଯିବ: 1. ସୁନାର ବିବରଣୀ, ମୋଟ ଓଜନ ଏବଂ ବିଜରମାନଙ୍କ ପାଇଁ ଥିବା ନିୟମ ଓ ସର୍ତ୍ତାବଳୀ ସମେତ ଏହି ସାର୍ବଜନୀନ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ପାଇବା ପାଇଁ ଦୟ କୋଡ୍ ସ୍କାନ୍ କରନ୍ତୁ। 2. ବିଡରମାନଙ୍କୁ ନିଲାମ ଦିନ କିମ୍ବା ତାହା ପୂର୍ବରୁ ଅନ୍‌ଲାଇନ୍ ଟ୍ରାନ୍ସଫର ମାଧ୍ୟମରେ ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ବାବଦରେ ₹25,000/- ଜମା କରିବାକୁ ପଡ଼ିବ। 3. ସଫଳ ୀ ୧୦ଟାରେ ପରିବର୍ତ୍ତ ଏବଂ ଠିକଣାର ଭିନ୍ନ ପ୍ରମାଣ ସହିତ ନିଲାମ ସ୍ଥଳରେ ନିଜେ ଉପସ୍ଥିତ ରହିବା ବାଧ୍ୟତାମୂଳକ ଅଟେ। ୪. RBIର ସମୟ ସମୟରେ ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ସଂରକ୍ଷିତ ମୂଲ୍ୟ ନିର୍ଦ୍ଧାରଣ କରାଯିବ। 5. ପ୍ରଥମ ନିଲାମ ଅନୁଷ୍ଠିତ ତାରିଖରେ ବିଡ଼ୀତ ନିଲାମ 19-Dec-26। ବିଡ଼ୀତ ନିଲାମ ସ୍ଥଳରେ ନିଜେ ଉପସ୍ଥିତ ରହିବା ବାଧ୍ୟତାମୂଳକ ଅଟେ। 4. RBIର ସମୟ ସମୟରେ ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ସଂରକ୍ଷିତ ମୂଲ୍ୟ ନିର୍ଦ୍ଧାରଣ କରାଯିବ। 5. ପ୍ରଥମ ନିଲାମ ଅନୁଷ୍ଠିତ ତାରିଖରେ ବିଡ଼ୀତ ନିଲାମ 19-Dec-26। ବିଡ଼ୀତ ନିଲାମ ସ୍ଥଳରେ ନିଜେ ଉପସ୍ଥିତ ରହିବା ବାଧ୍ୟତାମୂଳକ ଅଟେ। ଏଠାରେ ଉଲ୍ଲେଖିତ ତାରିଖରେ ତୃତୀୟ ନିଲାମ 23-Dec-26। ନିଲାମର ତାରିଖରେ କୌଣସି ପରିବର୍ତ୍ତନ ହେଲେ ତାହା ନିଲାମ ଭେନ୍ୟୁରେ ପ୍ରଦର୍ଶିତ କରାଯିବ ବିଡ୍ ଦାଖଲ ଜଲେ ଉପରୋକ୍ତ ସର୍ତ୍ତାବଳୀ ସ୍ୱୀକାର କରାଯାଇଛି ବୋଲି ଧରାଯିବ। ଯେକୌଣସି ପ୍ରଶ୍ନ ପାଇଁ ଯୋଗାଯୋଗ କରନ୍ତୁ: WECARE@BAJAJFINSERV.IN.

ପ୍ରଥମ ନିଲାମର ତାରିଖ: 09-12-26, ତୃତୀୟ ନିଲାମର ତାରିଖ: 19-12-26 ଏବଂ ତୃତୀୟ ନିଲାମର ତାରିଖ: 23-12-26;

ଅନୁଗୋଳ - ବକୁଆଳ: PRG8EGL102342869. **ଅନୁଗୋଳ - ଗାଞ୍ଜା ରୋଡ୍:** PJD6SGL37864964, 88967159, 99365025, 00030992, 99977383, 00001496, 00325065, 47131129, 00704620, 01340161, 01368392, 01309464, 01552038, 01889390, 01820238, 02820562, 03000398, 03265114, 03231132, 03478517, 03784992, 03818159, 04004770, 04001511, 04945028. **ଆଠଗଡ଼ - ଜୀବଜିଶୋରପୁର:** PCQ8EGL90229905, 98095753, 98153434, 45742346, 45912470, 98534761, 98513506, 98470432, 98660362, 98669107, 99429485, 99414186, 99495280, 99380657, 99479305, 46513077, 99677842, 46685934, 00085455, 99989249, 00232277, 00518884, 00752934, 01186999, 01174873, 01369671, 01354700, 01610673, 01635126, 01569531, 01800068, 01812303, 02059569, 02053172, 02144951, 02129568, 02394921, 02799094, 02815183, 02764455, 02754791, 03064118, 03251108, 03519796, 03489942, 03513298, 49650417, 04671632. **ବଡ଼ବିଲ - ମେନ୍ ମାର୍କେଟ୍:** PSZ8EGL101343206, 01660677, 01648596. **କଲାଙ୍ଗୀର - ଗୋପାଳଜୀ ରୋଡ୍:** PJD7EGL98490779, 98489515, 46017216, 00233870, 00242347, 00462045, 01164931, 01628481, 02157671, 02037654, 48205224, 02724279, 03013506, 03250860, 03792385, 04056135, 04680240. **ବାଲୁଗାଁ - ମେନ୍ ରୋଡ୍:** PCQ9SGL37322405, 98646612, 99477127, 00261985, 00554590, 01123168, 03283197. **ବରଗଡ଼ - ଖାରଜଡୀ ଭାଲ:** PGC3EGL88642088, 97852944, 97845165, 98343467, 98285543, 98283843, 98288924, 98624910, 99429042, 99427483, 99672130, 99957183, 99978043, 00492435, 00536760, 00469214, 00479445, 01157319, 01171865, 01178115, 01340108, 01355664, 01566901, 01545931, 01572963, 01807101, 01877748, 01817840, 48043659, 02102320, 02045685, 02119386, 48353285, 02767464, 02708445, 02775831, 02970010, 48799300, 03226121, 03815873, 04741894, 04695772. **ବରଣ - ମେନ୍ ମାର୍କେଟ୍:** PTQ8EGL90430286, 99772896, 01069459. **ବାସୁଦେବପୁର - AB ଜଲେଜ୍ ବଜ୍:** PJE1SGL28481829, 87723480, 88640305, 88903128, 90489167, 45907395, 00077519, 00089338, 02297889, 03008133, 03288986, 03282438. **ବ୍ରହ୍ମପୁର - ଆଷ୍ଟା ରୋଡ୍:** PQE8EGL86604134, 88426333, 88436118, 88637086, 90514892, 97888715, 97890398, 98352487, 98366221, 98529264, 98520352, 99722828, 00543590, 00699939, 01124052, 01086416, 01636829, 01621070, 02806548, 02717778, 03005319, 03069330, 03331341, 03352632, 03332462, 03981606, 04770598. **ବ୍ରହ୍ମପୁର - ଗୋଷାଳୀ ନୁଆଗାଁ:** PMR7SGL15213101, 16654233, 25095808, 36671384, 97939399, 97906971, 98332396, 99436646, 99675071, 99679639, 99690969, 99953812, 99958846, 00254333, 00725145, 00683846, 01101025, 01340038, 47753209, 01636966, 01883858, 01842737, 01895897, 02054407, 02755721, 03324592, 03252821, 03555979, 04688247, 04746947. **ବ୍ରହ୍ମପୁର - ଜମାପଲ୍ଲି ବଜ୍:** PB63SGL35513354, 39179859, 40347106, 97915922, 98158008, 98075051, 98081400, 98366382, 98479368, 98520270, 99477560, 00007198, 47279055, 01176269, 01564656, 02100012, 02791793, 03329476, 04702127. **ବଡେଗଡ଼ - ହାପିଜ୍ ବଜ୍ ନିକଟରେ:** PPH3SGL26233837, 26963897, 27566176, 36047644, 86622323, 37516452, 87371186, 87731898, 88425569, 88692210, 88871918, 89700681, 90452605, 90416611, 40362328, 97839912, 97859578, 45615268, 98133511, 98123797, 45730197, 98289151, 98281294, 98475337, 98521109, 46112101, 99519118, 46546307, 46682844, 99962063, 00242769, 00258349, 00515510, 47304160, 01095483, 01353446, 02979546, 03001915, 48835233, 03278440, 03251390, 03352448, 03489146, 49142561, 03754297, 03989919. **ବୋଦ - ମେନ୍ ରୋଡ୍:** PRM3EGL98068295, 00056601, 00454739, 01661534, 01858355, 01808518, 02371991, 02785475, 02686740, 03621166.

ପ୍ରଥମ ନିଲାମର ତାରିଖ: 10-12-26, ତୃତୀୟ ନିଲାମର ତାରିଖ: 19-12-26 ଏବଂ ତୃତୀୟ ନିଲାମର ତାରିଖ: 23-12-26; ବାଲେଶ୍ୱର - ପୋଲିସ ଲାଇନ୍ ଷ୍ଟୋପ୍ପାର୍: PEI4SGL24044665, 27587185, 40403064, 46500014, 99950760, 47597792, 47891751, 02334981, 48638707, 03057335, 03041890, 03253546, 03813004, 04702309. **ବ୍ରହ୍ମପୁର - ମେନ୍ ମାର୍କେଟ୍:** PSK1EGL98318695, 98347845, 98356369, 98635786, 99435191, 99677517, 01654703, 01812057, 02777159, 04744702, 04715687. **ଭଦ୍ରକ - ଧାମନଗର:** PML4EGL101555087, 01829858, 49960522. **ଭଦ୍ରକ - ସାଲାଣ୍ଡି

ଯୁବତୀଙ୍କୁ ନିର୍ମମ ଆକ୍ରମଣ ଓ ଅସଦାଚରଣ, ଅଭିଯୁକ୍ତ ଗିରଫ



ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅନ୍ତର୍ଗତ ସଦର ମହକୁମା ଅଞ୍ଚଳରେ ସାରିକା ଷଣ୍ଢ ଯୁବତୀଙ୍କୁ ବେଧଡ଼କ ମାରପିଟ କରିବା ସହ ଘୋଷାଡ଼ି ଟଣାଓଟରା କରି ଲୁଗାପଟା ଚିରି ଅସଦାଚରଣ କରିବା ସହ ଲହୁ ଲୁହାଣ କରିବା ଅଭିଯୋଗରେ ପୁଲିସ କାହ୍ନା ଅଗ୍ରୱାଲ(୨୨) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜନକ ଜମନକିରା ରାଧାକୃଷ୍ଣପଡ଼ାର ବୋଲି ଜଣାପଡ଼ିଛି । ଅଭିଯୁକ୍ତ କାହ୍ନା ନାଁରେ ମାମଲା ରୁଜୁ କରିଛି । ଆକ୍ରମଣର ଶିକାର ହୋଇଥିବା ଯୁବତୀ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ।

ଘଟଣାରୁ ପ୍ରକାଶ ଯେ, ସୋମବାର ପୂର୍ବାହ୍ନ ପ୍ରାୟ ୧୦:୩୦ ସମୟରେ ସାରିକାଙ୍କ ଘର ସାମ୍ନାରେ ତାଙ୍କ ସମ୍ମୁଖ ଘରର ଜଣେ ମହିଳା ଆବର୍ଜନା ପକାଉଥିଲେ । ସାରିକା ଏହାର ପ୍ରତିବାଦ କରିବାରୁ ଉକ୍ତ ମହିଳାଙ୍କ ପୁଅ କାହ୍ନା ଅଗ୍ରୱାଲ ଉତକ୍ଷିପ୍ତ ହୋଇ ସେଠାରେ ପହଞ୍ଚିଥିଲେ । କାହ୍ନା ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିବା ସହ ନିର୍ଘାତ ମାଡ଼ ମାରିଥିଲେ । ସାରିକାଙ୍କ ଶାଢ଼ୀ ଓ ପୋଷାକପତ୍ର ଟାଣି ଚିରିଦେବା ସହ ରାସ୍ତାରେ ଘୋଷାଡ଼ି ଘୋଷାଡ଼ି ଫିଙ୍ଗି ଦେଇଥିବା ନେଇ ଅଭିଯୋଗ ହୋଇଛି । ଏହି ମରଣାନ୍ତକ ଆକ୍ରମଣରେ ସାରିକା ଗୁରୁତର ଭାବେ ଆହତ ହୋଇ ଅଚେତ ହୋଇପଡ଼ିଥିଲେ । ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ପ୍ରଥମେ ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ଡାକ୍ତର ତାଙ୍କୁ ଉନ୍ନତ ଚିକିତ୍ସା ନିମନ୍ତେ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ନେଇ ସାରିକାଙ୍କ ମାଆ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ, ଏହି ଘଟଣାକୁ ନେଇ ଜମନକିରା ଥାନାରେ କେସ ନମ୍ବର ୧୮୪/୨୬ ରେ ଏକ ମାମଲା ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତା (ବିଏନଏସ ର ଧାରା ୧୨୬(୨), ୨୯୬, ୧୧୫(୨), ୭୪, ୨୯୨ ଏବଂ ୩୫୧(୩) ଅନୁଯାୟୀ କେସ ଦାୟର କରି ଅଭିଯୁକ୍ତ କାହ୍ନା କୁ ପୁଲିସ ଗିରଫ କରିଛି । ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

ଦୁଇ କେଜି ଗଞ୍ଜେଇ ପାଇଁ ୩ ଗିରଫ



ରେଢ଼ାଖୋଲ,(ସବ୍ୟୁ): କାରରେ ଗଞ୍ଜେଇ ଧରି ଯାଉଥିବା ବେଳେ ରେଢାଖୋଲ ଥାନା ପୋଲିସ ଗଞ୍ଜେଇ ଚାଲାଣ କରୁଥିବା ୩ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି । ଅଭିଯୁକ୍ତ ମାନେ ହେଲେ – ସତ୍ୟନାରାୟଣ ପେରା (୨୬) ବୌଦ୍ଧ ଜିଲ୍ଲା ଆୟଝରି ନିକଟ ଗଣ୍ଡପଦାର ଗ୍ରାମ, ତୁଲୁ ନାଏକ (୨୭), ଗ୍ରାମ– ତାଳୁପାଲି, ପୋ– ଗୋଛାପଡା, ଥାନା– ବାଉଁସୁଣୀ, ଜିଲ୍ଲା– ବୌଦ୍ଧ, ସୁବ୍ରତବାବୁ ଭୋଇ (୩୧),ଗ୍ରାମ– ପାଲସପାଟ, ଥାନା– ବାଉଁସୁଣୀ, ଜିଲ୍ଲା– ବୌଦ୍ଧ ବୋଲି ଜଣାପଡ଼ିଛି । ଏମାନେ ଏକ ଧଳା ରଙ୍ଗର ଟାଟା ଇଣ୍ଡିଗୋ ଗାଡି ନଂ. କ୍ସଉ–୦୨–୧୬୧୭ ରେ ଗଞ୍ଜେଇ ଚାଲାଣ କରୁଥିଲେ । ରେଢ଼ାଖୋଲ ପୋଲିସ କୌଣସି ସୂତ୍ରରୁ ଖବର ପାଇ ପୁରୁଣାଗଡ଼ ଛକ ରେଳ ଓଭର ବ୍ରିଜ ନିକଟରୁ ଗାଡିକୁ ଅଟକାଇ ଧରିଥିଲେ । ରେଢାଖୋଲ ଥାନା କେସ ନଂ. ୨୦୦, ତା ୦୩.୧୧.୨୦୨୬, ଧାରା–୨୦(ବି)(ଆଇଆଇ)(ବି) ଏନ.ଡି.ପି.ଏସ. ଆକ୍ଟରେ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ ।

ରାୟଗଡ଼ାରେ ଚାଞ୍ଚଲ୍ୟକର ମାମଲାର ରାୟ ପ୍ରକାଶ

୯ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ରାୟଗଡା,(ସବ୍ୟୁ): ରାୟଗଡ଼ାରେ ବହୁଚର୍ଚ୍ଚିତ ଯୁବକ ଅପହରଣ, ଅପ୍ରାକୃତିକ ଯୌନ ସମ୍ପର୍କ ଓ ହତ୍ୟା ଉଦ୍ୟମ ମାମଲାରେ ଏଡିଜେ କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ମାମଲାରେ ୯ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଅଳ୍ପନା ସ୍ୱାଇଁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଦଣ୍ଡିତଙ୍କ ମଧ୍ୟରେ ଦୁର୍ଦ୍ଦାନ୍ତ ଅପରାଧୀ ହାଡ଼ପା ଶିବା ମଧ୍ୟ ରହିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ନଭେମ୍ବର ୧୮ ତାରିଖରେ ରାୟଗଡ଼ା ଥାନା ଅନ୍ତର୍ଗତ ଲାଡ଼ା ରେଳଷ୍ଟେସନ ନିକଟରୁ ଚେନ୍ନାଇରୁ ଝାରସୁଗୁଡ଼ା ଯାଉଥିବା ଜଣେ ଯୁବକଙ୍କୁ ଅଭିଯୁକ୍ତମାନେ ଅପହରଣ କରିଥିଲେ । ଟ୍ରେନରେ ଯାତ୍ରା କରୁଥିବା ସମୟରେ ଯୁବକଙ୍କୁ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଧମକ ଦେଇ ୧୦ ଲକ୍ଷ ଟଙ୍କା ଦେଲେ ଛାଡ଼ିଦେବେ ବୋଲି କହିଥିଲେ । ପରେ ତାଙ୍କୁ ଅପହରଣ କରି ଯୌନ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ରାୟଗଡ଼ା ଥାନାରେ କେସ ନଂ ୪୨୫/୧୯ ରୁଜୁ ହୋଇଥିଲା । ପୁଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପୁଲିସର ଚଢ଼ାଉ ସମୟରେ ଅଭିଯୁକ୍ତମାନେ ପୁଲିସ ଉପରକୁ ଗୁଳି ଚଳାଇଥିବା ଏବଂ ପୁଲିସ ପକ୍ଷରୁ ପାଲଟା ଜବାବ ଦିଆଯାଇଥିବା ମଧ୍ୟ ସୂଚନା ମିଳିଛି । ତଜ୍ଜାଳୀନ ଏସଆଇ ରିଗାନ କିଣ୍ଡୋ ଏହି ମାମଲାର ତଦନ୍ତ କରିଥିଲେ । ଦୀର୍ଘ ବିଚାର ପ୍ରକ୍ରିୟା ପରେ ଜିଆର୍ କେସ ନଂ ୩୧/୧୯ ଓ ଏସ୍ଟି କେସ ନଂ ୩୨/୨୦୨୦ର ରାୟ ପ୍ରକାଶ ପାଇଛି । ଆଇପିସିର ଧାରା ୩୫୪(ଏ), ୩୬୪(ଏ), ୩୭୭, ୧୨୦(ବି), ୩୪ ଏବଂ ଆର୍ମସ ଆକ୍ଟର ଧାରା ୨୫(୧) ଅନୁଯାୟୀ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଦୋଷୀମାନଙ୍କ ମଧ୍ୟରେ ହାଡ଼ପା ଶିବା, ଜି. ବାଙ୍ଗାରୁ, ଶୁଣ୍ଡି ସୂରଜ, ଶୁଣ୍ଡି ପ୍ରକାଶ, ମାଝୀ ଜୋସେଫ, ଜି. ବେଣୁ, ଜି. ତେଜା, ଜି. ସୁରେନ୍ଦ୍ର ଓ ମାଝୀ ରାଜା ରହିଛନ୍ତି । କୋର୍ଟ ୮ ଜଣ ଦୋଷୀଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଏବଂ ମାଝୀ ରାଜାଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଥିବା ସୂଚନା ମିଳିଛି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରଜତ ରଞ୍ଜନ ଖଟୁଆ ମାମଲା ପରିଚାଳନା କରୁଥିଲେ। ମାମଲାରେ ମୋଟ ୩୬ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା। ଅନ୍ୟପକ୍ଷରେ ରାୟ ପ୍ରକାଶ ପରେ କୋର୍ଟ ପରିସରରେ ଦୋଷୀଙ୍କ ପରିବାରବର୍ଗଙ୍କ ପକ୍ଷରୁ ଉତ୍ତେଜନା ଦେଖାଦେଇଥିଲା । ଖବର ପାଇ ରାୟଗଡ଼ା ଏସଡ଼ିପିଓ ଗୌରହରି ସାହୁ ପୁଲିସ ଟିମ ସହ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ।

ଜଙ୍ଗଲ ଜମି ଅଧିକାର ଦାବିରେ

ଖଡ଼ିଆଳ ବନଖଣ୍ଡ ଅଫିସ୍ ଘେରିଲେ ସଶସ୍ତ୍ର ଆଦିବାସୀ



ସିନାପାଲି,(ସବ୍ୟୁ): ଜଙ୍ଗଲ ଜମିରେ ପାରମ୍ପରିକ ଅଧିକାର ଓ ଜୀବନଜୀବିକାର ସୁରକ୍ଷା ଦାବିରେ ହଜାର ହଜାର ସଶସ୍ତ୍ର ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ମଙ୍ଗଳବାର ଖଡ଼ିଆଳ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାରେ ପ୍ରଶାସନିକ ଅବହେଳା, ଜଙ୍ଗଲ ଜମିରୁ ଉଚ୍ଛେଦ ଉଦ୍ୟମ ଏବଂ ପଟ୍ଟା ପ୍ରଦାନରେ ପାତରଅନ୍ତର ଅଭିଯୋଗ କରି ଆନ୍ଦୋଳନକାରୀମାନେ ସରକାରଙ୍କ ବିରୋଧରେ ଗର୍ଜିଥିଲେ ।

ପୂର୍ବାହ୍ନରେ ଖଡ଼ିଆଳସ୍ଥିତ ସମଲେଶ୍ୱରୀ ମନ୍ଦିରଠାରେ ଆଦିବାସୀ ଓ ପାରମ୍ପରିକ ବନବାସୀମାନେ ଏକତ୍ରିତ ହୋଇଥିଲେ। ପରେ ଏକ ବିରାଟ ଶୋଭାଯାତ୍ରାରେ ଖଡ଼ିଆଳ ସହର ପରିକ୍ରମା କରି ବନଖଣ୍ଡ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଆଦିବାସୀ ଓ ବନବାସୀ ସାମିଲ ହୋଇଥିଲେ । ନିଜର ଅଧିକାର ସୁନିଶ୍ଚିତ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ।

ସୂଚନା ଅନୁଯାୟୀ, ନୂଆପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଦିବାସୀ ଓ ପାରମ୍ପରିକ ବନବାସୀମାନେ ପିଢ଼ି ପରେ ପିଢ଼ି ଧରି ଜଙ୍ଗଲ ଅଞ୍ଚଳରେ ବସବାସ କରିବା ସହ ଚାଷବାସ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି । ସେମାନଙ୍କ ପାରମ୍ପରିକ ଅଧିକାରକୁ ଆଇନଗତ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ୨୦୦୬ ମସିହାରେ ଜଙ୍ଗଲ ଅଧିକାର ଆଇନ ପ୍ରଣୟନ କରିଥିଲେ । ଏହି ଆଇନ ଅନୁଯାୟୀ ବ୍ୟକ୍ତିଗତ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର ପ୍ରଦାନ ସହ ପଡ଼ା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାର ବ୍ୟବସ୍ଥା ରହିଛି । ମାତ୍ର ନୂଆପଡ଼ା ଜିଲ୍ଲାରେ ଏହି ଆଇନର ସଠିକ କାର୍ଯ୍ୟକାରିତା ହେଉନଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି । ଜିଲ୍ଲାରେ ୪୦ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ଓ ବନବାସୀ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପାଇଁ ଆବେଦନ କରିଥିବା ବେଳେ ମାତ୍ର ପ୍ରାୟ ୬ ହଜାର ଆବେଦନକାରୀଙ୍କୁ ପଟ୍ଟା ମିଳିଛି । ଅନ୍ୟପକ୍ଷରେ ଅଣଆଦିବାସୀ ପାରମ୍ପରିକ ବନବାସୀଙ୍କୁ ଏପର୍ଯ୍ୟନ୍ତ ପଟ୍ଟା ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି । ସେହିପରି ଗୋଷ୍ଠୀଗତ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର କେବଳ କେତେକ ଗ୍ରାମକୁ ପ୍ରଦାନ କରି ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଥିବା ବେଳେ ଶହ ଶହ ଗ୍ରାମ ଏବେ ମଧ୍ୟ ଏହି ଅଧିକାରରୁ ବଞ୍ଚିତ ରହିଛନ୍ତି । ଅଣରାଜସ୍ୱ ଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିନଥିବା ଏବଂ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା 'ମୋ ଜଙ୍ଗଲ ଜମି ସେଲ'କୁ ବନ୍ଦ କରିଦିଆଯାଇଥିବା ନେଇ ମଧ୍ୟ ଆନ୍ଦୋଳନକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଏହାଦ୍ୱାରା ଜଙ୍ଗଲ ଜମି ସମ୍ପର୍କିତ ଅଭିଯୋଗ ଓ ଆପତ୍ତି ଜଣାଇବାରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ କହିଥିଲେ ।

ଜଙ୍ଗଲ ବିଭାଗ ବିଭିନ୍ନ ସମୟରେ ଟାଳଟୁଳ ନୀତି ଅବଲମ୍ବନ କରି ପଟ୍ଟା ପ୍ରଦାନରେ ଅନାଗ୍ରହ ଦେଖାଉଥିବା ଅଭିଯୋଗ କରି ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ଜଙ୍ଗଲ ଅଧିକାର ଆଇନର ସଠିକ କାର୍ଯ୍ୟକାରିତା, ବଞ୍ଚିତ ଆବେଦନକାରୀଙ୍କୁ ପଟ୍ଟା ପ୍ରଦାନ, ଗୋଷ୍ଠୀଗତ ଅଧିକାର ସୁନିଶ୍ଚିତ କରିବା ଓ ଅଣରାଜସ୍ୱ ଗ୍ରାମକୁ ମାନ୍ୟତା ଦେବାକୁ ଦାବି କରାଯାଇଥିଲା। ଏହି ଦାବିଗୁଡ଼ିକ ଉପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆହୁରି ବଡ଼ ଧରଣର ଜନଆନ୍ଦୋଳନ ଗଢ଼ି ତୋଳାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି । ସମାବେଶରେ ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ସମେତ ହୀରାଲାଲ ମାଝୀ, ହନୁରାମ ମାଝୀ, ମେଘନାଦ ଖର୍ସେଲ, ବୁଦ୍ର ସିଂ ମାଝୀ, ଚୈତନ୍ୟ ମାଝୀ, ଦୁର୍ବଳ ମାଝୀ, ଟୋପଚନ୍ଦ ମାଝୀ, ତୁଳସୀରାମ ମାଝୀ, ଯୁଧିଷ୍ଠିର ମାଝୀ, ଅମର ସିଂ ମାଝୀଙ୍କ ସମେତ ବହୁ ଆଦିବାସୀ ଓ ବନବାସୀ ଯୋଗ ଦେଇଥିଲେ ।

ସମ୍ଭାବ୍ୟ ବାତ୍ୟା ଭୟ ପାହାଡ଼ ତଳ ଗାଁ ଲୋକ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର

କୋକସରା,(ସବ୍ୟୁ): ବାତ୍ୟା ମୁରାସୁ ବିଳମ୍ବିତ ରାତିରେ ସ୍ଥଳଭାଗ ଛୁଇଁଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ଆରମ୍ଭ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାର କୋକସରା ବ୍ଲକ ପ୍ରଶାସନ ସମ୍ଭାବ୍ୟ ବାତ୍ୟା ମୁରାସୁକୁ ନେଇ ସଜାଗ ରହିଛି । ଆମପାଣି ପଞ୍ଚାୟତ ଅନ୍ତର୍ଗତ ସାହାଜଖୋଲ ଜଙ୍ଗଲ ପାଦଦେଶରେ ରହୁଥିବା ବିଭିନ୍ନ ଗ୍ରାମର ଲୋକଙ୍କ ସୁରକ୍ଷା ପାଇଁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯିବା ସହ ବିରିମୁହାଣରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆବସିକ ହଷ୍ଟେଲରେ ନିକଟସ୍ଥ ଅଞ୍ଚଳର ମାଟିଘରରେ ରହୁଥିବା ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରାଯାଇଛି ଓ ସେମାନଙ୍କ ପାଇଁ ରନ୍ଧା ଖାଦ୍ୟ ସହ ଅନ୍ୟ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଗତ ସପ୍ତାହରେ ଅର୍ଣ୍ଣବ ବାତ୍ୟାରେ ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ପାହାଡ଼ ତଳି ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ଧନ ଜୀବନ ନଷ୍ଟ ସହ ଲୋକେ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା । ଏହାକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଙ୍ଗଲ ମଧ୍ୟରେ ଥିବା ଗ୍ରାମ ଗୁଡିକ ଚିହ୍ନଟ କରି ଆଗୁଆ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇଛି । କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ମୁରାସୁକୁ ନେଇ ଆମପାଣି ପଞ୍ଚାୟତ ବିରିମୁହାଣ ବିଦ୍ୟାଳୟ ଆବସିକ ହଷ୍ଟେଲରେ ଅସ୍ଥାୟୀ ଆଶ୍ରୟସ୍ଥଳୀ କରାଯାଇଛି । ଆନ୍ଧ୍ର ଝରଣ, କାଦୋମଳି, ଚିଲିଆମ, ବିରିମୁହାଣ ଗ୍ରାମର ପ୍ରାୟ ୧୦୦ ଜଣ ଗ୍ରାମବାସୀଙ୍କୁ ଆଶ୍ରୟସ୍ଥଳୀରେ ରଖାଯାଇଛି । ବନ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଲୋକଙ୍କୁ ସୁରକ୍ଷା ବ୍ୟବସ୍ଥା ନେଇ ମଙ୍ଗଳବାର ଧର୍ମଗଡ଼ ଉପ ଜିଲ୍ଲାପାଳ ସୁଶ୍ରୀ ପ୍ରେକ୍ଷ୍ୟା ଅଗ୍ରୱାଲ, କୋକସରା ବିଡ଼ିଓ ଡ଼ ହିମାଞ୍ଚଳ ମାଝୀ, କୋକସରା ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ବାତ୍ୟା ଅପସରି ନଯିବା ପର୍ଯ୍ୟନ୍ତ ଆଶ୍ରୟସ୍ଥଳୀରେ ରହିବାକୁ ପରାମର୍ଶ ଦେଇଥିଲେ। ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଗ୍ରାମବାସୀଙ୍କ ପାଇଁ ଆମପାଣି ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୁଗେଶ୍ୱର ବେମାଲ ସମେତ ବିରିମୁହାଣ ବିଦ୍ୟାଳୟର ସହକାରୀ ଶିକ୍ଷକ ଈଶ୍ୱର ପ୍ରସାଦ ଅଗସ୍ତି, ପଙ୍କଜ ପରିଜା, ପ୍ରଭାକର ଖଟୁଆ, ୱାର୍ଡ ସଭ୍ୟା ଦୁର୍ଗା ବେଶ୍ରା, ସାମାଜିକ କର୍ମି ମନୋରଞ୍ଜନ ବାଣୁଆ ପ୍ରମୁଖ ରନ୍ଧା ଖାଦ୍ୟ ଯୋଗାଣ ସମେତ ଅନ୍ୟାନ୍ୟ ବ୍ୟବସ୍ଥା ସୁଚାରୁରୂପେ ତୁଲାଉଥିବା ଜଣାପଡିଛି। ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟାକୁ ନେଇ ସତର୍କ ଦୃଷ୍ଟି ରଖାଯାଇଛି ଓ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କୋକସରା ବିଡ଼ିଓ ଶ୍ରୀ ମାଝୀ ସୂଚନା ଦେଇଛନ୍ତି ।

ବିଶ୍ୱମ୍ବର ବହିଦାର ମେମୋରିଆଲ ପାୱାରଲିଫ୍ଟିଂ ଚାମ୍ପିୟନସିପ୍

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ୱାରିଅର ଜିମ୍ ପରିସରରେ ୩ୟ ବିଶ୍ୱମ୍ବର ବହିଦାର ମେମୋରିଆଲ ଜିଲ୍ଲାସ୍ତରୀୟ ପାୱାରଲିଫ୍ଟିଂ ଚାମ୍ପିୟନସିପ୍ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲା ପାୱାରଲିଫ୍ଟିଂ ଆସୋସିଏସନ୍ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ସମାଜସେବୀ ସନ୍ଦୀପ ପଟ୍ଟନାୟକ ମୁଖ୍ୟ ଅତିଥି ଓ କୁନ୍ଦନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ଜିଲ୍ଲା ପାୱାରଲିଫ୍ଟିଂ ଆସୋସିଏସନ୍ ସଭାପତି ସୁଧୀର ବହିଦାର, ସାଧାରଣ ସମ୍ପାଦକ ସୋମନାଥ ପଟ୍ଟନାୟକ ଓ ସମ୍ପାଦକ ବାବଲୁ ପଟ୍ଟନାୟକ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଜୁନିୟର ବିଭାଗରେ ନିରଞ୍ଜନ ବାଗ ପ୍ରଥମ, ବିଶ୍ୱଜିତ ମୁଦୁଲି ଦ୍ୱିତୀୟ ଓ ରଘୁନାଥ ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଷ୍ଟ୍ରଙ୍ଗ୍ ମେନ୍ ପ୍ରତିଯୋଗିତାରେ ଅନିଲ ବାଗ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଡେଡ୍ ଲିଫ୍ଟ ବିଭାଗରେ ଆକାଶ ପ୍ରସାଦ ଶାହା ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ । ଅଫିସିଆଲ ଭାବେ ରୋନକ ପୂଝାରୀ, ଦିବ୍ୟ ବେହେରା, ରାକେଶ ବାଗ, ନବୀନ ବାଗ, ସଂଘମିତ୍ରା ବଳ, ଉର୍ମିଳା ବେହେରା ଓ ସୁନୀତା ନାୟକ ଦାୟିତ୍ୱ ତୁଲାଇଥିଲେ ।

ଅବହେଳିତ ବ୍ରାହ୍ମଣୀର କିମ୍ବଦନ୍ତୀ ରାଣୀଡୁଙ୍ଗୁରି ପାହାଡ଼



ମୁରିବାହାଲ,(ସବ୍ୟୁ) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଲଖନା ପଞ୍ଚାୟତ ବ୍ରାହ୍ମଣୀ ଗ୍ରାମ ରାଣୀଡୁଙ୍ଗୁରି ପାହାଡ଼ଠାରେ ଆଖପାଖ ଅଞ୍ଚଳର ୧୦ଖଣ୍ଡ ଗାଁ ଲୋକଙ୍କୁ ନେଇ ଏକ ବିରାଟ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସିଦ୍ଧ ରାଣୀଡୁଙ୍ଗୁରି ଏକ କିମ୍ବଦନ୍ତୀ ପାହାଡ଼ । ଏହି ପାହାଡରେ ରହିଛି ରାଣୀପାହା(ପାଦ), ରାଣୀଡୁଆଁ (କୂଅ), ତଳେ ରାଣୀମୁଣ୍ଡା। ପାହାଡ଼ର ପଶ୍ଚିମକୁ ଲାଗି ପ୍ରାୟ ପଚିଶ ଏକରରୁ ବେଶୀ ଆୟତନର ଏକ ବିସ୍ତୀର୍ଣ୍ଣ ସମତଳ

ଦେଖୁଳିଆ ଜଙ୍ଗଲରେ ବାଘର ପଦଚିହ୍ନ, ଲୋକେ ଆତଙ୍କିତ



ଅମ୍ବାଭୋନା,(ସବ୍ୟୁ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର କୁମ୍ଭୋ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେଖୁଳିଆ ଅଞ୍ଚଳରେ ବାଘର ପଦଚିହ୍ନ ଦେଖିବାକୁ ମିଳିଛି । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଦେଖୁଳିଆ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଛତିଶଗଡ଼ ପଟୁ ଆସିଥିବା ଏକ ବାଘ ବୁଲୁଥିବା ନେଇ ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି । ଆଖପାଖ ଅଞ୍ଚଳର କେତେକ ବ୍ୟକ୍ତି ବାଘକୁ ଦେଖିଥିବା କହିବା ପରେ ଏହି ଖବର ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି । ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଲୋକେ ଭୟଭୀତ ହୋଇ ରହିଥିବାବେଳେ ଜଙ୍ଗଲକୁ ଯିବା ଏବଂ ଘରୁ ବାହାରିବାକୁ ମଧ୍ୟ ଭୟ କରୁଛନ୍ତି । ଘଟଣା ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ଅବଗତ କରାଇବା ପରେ ବନ କର୍ମଚାରୀମାନେ ଅଞ୍ଚଳରେ ପହଞ୍ଚି ପେଟ୍ରୋଲିଂ ଜାରି ରଖିଛନ୍ତି । ଏନେଇ ଭଟଲି ରେଞ୍ଜରଙ୍କ ସହ ଯୋଗାଯୋଗ କରାଯିବାରୁ ଆସନ୍ତାକାଲି ସୁଦ୍ଧା ସ୍ଥିତି ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ, ପ୍ରକାଶପୁରରୁ ଭଟଲି ବ୍ଲକକୁ ସଂଯୋଗ କରୁଥିବାରୁ ଏହି ରାସ୍ତା ଏହି ଅଞ୍ଚଳ ଦେଇ ଯାଇଥିବାରୁ ବାଘର ଗତିବିଧିକୁ ନେଇ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ମଧ୍ୟ ଭୟ ବଢ଼ିଛି । ଅଞ୍ଚଳରେ ବାଘର ଉପସ୍ଥିତି ନେଇ ଉଦ୍ବେଗ ପ୍ରକାଶ କରିବା ସହ ଏହାକୁ ସୁରକ୍ଷିତ ଭାବେ କାବୁ କରିବା ଏବଂ ଲୋକଙ୍କ ସୁରକ୍ଷା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ବନ ବିଭାଗ ନିକଟରେ ଦାବି କରିଛନ୍ତି ।

ରାୟଗଡ଼ାର ତିନି ପ୍ରମୁଖ ନଦୀରେ ଅଘଟଣ : ୩ ମୃତ, ଜଣେ ନିଖୋଜ

ରାୟଗଡ଼ା, (ସବ୍ୟୁ): ରାୟଗଡ଼ା ଜିଲ୍ଲାର ନାଗାବଳୀ, ଝଞ୍ଜାବତୀ ଓ ବଂଶଧାରା ନଦୀରେ ଘଟିଛି ଏକାଧିକ ଅଘଟଣ । ପୃଥକ ପୃଥକ ଘଟଣାରେ ତିନି ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ୧୪ ବର୍ଷୀୟ ନାବାଳକ ଏବେ ବି ନିଖୋଜ ଅଛନ୍ତି । ଏହି ଘଟଣାକୁ ନେଇ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ, ଗତ ରବିବାର ରାୟଗଡ଼ା ସହର ନିକଟସ୍ଥ ଅଣ୍ଟାରୀଗୁଡ଼ା ଅଞ୍ଚଳର ନାଗାବଳୀ ନଦୀକୁ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ ୧୪ ବର୍ଷୀୟ ପ୍ରଭାତ କୁମାର ପାଣି । ଏହି ସମୟରେ ପ୍ରଖର ଜଳସ୍ରୋତରେ ସେ ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଦଳ କ୍ରମାଗତ ତିନି ଦିନ ଧରି ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନାହିଁ । ପ୍ରଭାତ ରାୟଗଡ଼ାରେ ମାମୁଁଘରେ ରହି ପାଠ ପଢୁଥିବା ଜଣାପଡ଼ିଛି । ସେହିପରି ଝଞ୍ଜାବତୀ ନଦୀରେ ବୁଡ଼ି ଆଉ ଜଣେ ୧୪ ବର୍ଷୀୟ ନାବାଳକ କାନି ଖୋସଲାଙ୍କ ମୃତ୍ୟୁ ଘଟିଛି । ରାୟଗଡ଼ା ସଦର ନୂଆସାହି ଅଞ୍ଚଳର କାନି ମଙ୍ଗଳବାର ସକାଳେ ସାଙ୍ଗମାନଙ୍କ ସହ ଅମ୍ବାଗୁଡ଼ା ନିକଟସ୍ଥ ଝଞ୍ଜାବତୀ ନଦୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ସମୟରେ ସେ ପ୍ରଖର ସ୍ରୋତରେ ଭାସିଯାଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ନଦୀରେ ଖୋଜାଖୋଜି କରି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ । ଅନ୍ୟ ଏକ ଘଟଣାରେ ଜେମାଦେଇପେଣ୍ଡ ନିକଟସ୍ଥ ପ୍ରତାପପୁର ଗ୍ରାମ ନିକଟରେ ନାଗାବଳୀ ନଦୀରେ ଏକ ଅଜଣା ମୃତଦେହ ଭାସୁଥିବା ସୂଚନା ମିଳିଛି । ଏନେଇ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିବାବେଳେ ମୃତଦେହ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି ।

ଅନ୍ୟପକ୍ଷରେ ବଂଶଧାରା ନଦୀରେ ବୁଡ଼ି ନିଖୋଜ ଥିବା ଗୁଣପୁର ପୌରାଞ୍ଚଳର ୪ ନମ୍ବର ୱାର୍ଡ ଅନ୍ତର୍ଗତ କାତ୍ୱାଲୁଗୁଡ଼ା ଗ୍ରାମର ବି. ପାଗାଡ଼ାଲୁଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଗତ ରବିବାର ସେ କ୍ଷେତରୁ କପା ତୋଳି ଘରକୁ ଫେରିବା ପରେ ଗାଧୋଇବା ପାଇଁ ବଂଶଧାରା ନଦୀକୁ ଯାଇଥିଲେ । ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଦୁଇ ଦିନ ଧରି ଖୋଜାଖୋଜି ପରେ ମଙ୍ଗଳବାର ସକାଳେ ନଦୀକୂଳରୁ ତାଙ୍କ ମୃତଦେହ ମିଳିଥିଲା। ତାଙ୍କୁ ଗୁଣପୁର ଚିକିତ୍ସାଳୟକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କ ହସ୍ତାନ୍ତର କରିଛି । ନାଗାବଳୀ ନଦୀର ଅନେକ ସ୍ଥାନରେ ଅଧିକ ଗଭୀରତା, ନଦୀଗର୍ଭରେ ବଡ଼ ବଡ଼ ପଥର ଓ ପ୍ରଖର ଜଳସ୍ରୋତ ରହିଥିବାରୁ ଏଠାରେ ଗାଧୋଇବା ବିପଜ୍ଜନକ ହୋଇପଡ଼ିଛି । ନଦୀରେ ଗାଧୋଇବା ସମୟରେ ସାମାନ୍ୟ ଅସାବଧାନତା ମଧ୍ୟ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ଏହି ଦୁଃଖଦ ଘଟଣାଗୁଡ଼ିକ ପୁଣିଥରେ ନଦୀରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ ଓ ଜନସଚେତନତା ସୃଷ୍ଟିର ଆବଶ୍ୟକତାକୁ ଗୁରୁତ୍ୱ ଦେଇଛି ।

ଅଙ୍ଗନବାଡି କର୍ମୀଙ୍କୁ ମମତା ସମ୍ପର୍କିତ ତାଲିମ ପ୍ରଦାନ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅଙ୍ଗନବାଡି କର୍ମୀ ମାନଙ୍କୁ ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ସିଡିପିଓ ଲକ୍ଷ୍ମୀପ୍ରିୟା ଯାନୀଙ୍କ ଅଧ୍ୟକ୍ଷତାରେ ପାଞ୍ଚ ଦିନ ଧରି ବ୍ଲକ ର ୩୨୦ ଅଙ୍ଗନବାଡି କର୍ମୀ ଙ୍କ ସହ ମହିଳା ପରିଦର୍ଶିକା ମାନଙ୍କୁ ମମତା ଯୋଜନା ସମ୍ପର୍କିତ ତାଲିମ ଦିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ରେ ଯୋଜନା ର ଲକ୍ଷ୍ୟ, ଉଦ୍ଦେଶ୍ୟ, ହିତାଧିକାରୀଙ୍କ ଯୋଗ୍ୟତା, ଯୋଜନା ର ସମସ୍ତ ସର୍ତ୍ତାବଳୀ, ମୋବାଇଲ ଆପ ର ବ୍ୟବହାର, ଆର୍ଥିକ ସହାୟତା, ଅଙ୍ଗନବାଡ଼ି କର୍ମୀଙ୍କ ଭୂମିକା ଓ ଦାୟିତ୍ୱ, ହିତାଧିକାରୀଙ୍କ ପଞ୍ଜିକରଣ କାର୍ଯ୍ୟଶୈଳୀ, ନୂତନ ହିତାଧିକାରୀ ପଞ୍ଜିକରଣ ପାଇଁ ପଦକ୍ଷେପ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହିତ ଆଧାର ସିଡିଂ, ଏନସିପିଆଇ,ଏଫଆରଏସ ସମ୍ପର୍କରେ ଭି ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡ଼ିକ ଦର୍ଶାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ଜିଲ୍ଲା ସଂଯୋଜିକା ସୀମାରାଣୀ ବେହେରା ଯୋଗ ଦେଇ ଅଙ୍ଗନବାଡି କର୍ମୀ ମାନଙ୍କୁ ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ତାଲିମ ପ୍ରଦାନ କରିଥିଲେ । ମହିଳା ପରିଦର୍ଶିକା ପ୍ରଭାସିନୀ ଚେଟି, ଶାନ୍ତିଲତା ମାଝୀ ତାଲିମ ଶିବିରରେ ଯୋଗ ଦେଇଥିବା ବେଳେ ସହାୟିକା ପ୍ରସନ୍ନା କୁମାରୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଯୁବକକୁ ଛୁରୀ ଭୁସି ହତ୍ୟା ଉଦ୍ୟମ, ୨ ଗିରଫ

ସମ୍ବଲପୁର, (ସବ୍ୟୁ): ବୁର୍ଲା ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଏଥିରେ ଜଣେ ନାବାଳକ ରହିଛନ୍ତି । ଏ ନେଇ ବୁର୍ଲା ଥାନାରେ ୪୬୭/୨୬ରେ ଏକ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ, ଢିପାପଡ଼ାର ଡେଭିଡ ସୁନା ଓ ତା'ର ଜଣେ ସହଯୋଗୀ ଅଟାଚକିପଡ଼ାର ବାବଲୁ ପଞ୍ଚବିହାରର ବେକ ଓ ପିଠିରେ ଧାରୁଆ ଛୁରୀରେ ଆକ୍ରମଣ କରି ଜୀବନରୁ ମାରି ଦେବାକୁ ଉଦ୍ୟମ କରି ବିଜଳୀ ନଗର ପଡ଼ିଆରେ ଫିଙ୍ଗି ଦେଇଥିଲେ । ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଡେଭିଡ ସୁନା (୨୧) ଓ ତା'ର ନାବାଳକ ସାଙ୍ଗକୁ ଗିରଫ କରିଛି। ସେମାନଙ୍କ ନିକଟରୁ ରକ୍ତ ଲାଗିଥିବା ଛୁରୀ ଓ ବ୍ୟବହୃତ ବୁଲେଟ ଗାଡି ଜବତ ହୋଇଛି ।

ଶିକ୍ଷୟିତ୍ରୀଙ୍କୁ ଅଶ୍ଳୀଳ ମେସେଜ କରିଥିବା ପ୍ରଧାନଶିକ୍ଷକଙ୍କ ନାମରେ ଅଭିଯୋଗ

କଲମପୁର,(ସବ୍ୟୁ): କଲମପୁର ବ୍ଲକ ପଣ୍ଡିଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ସେହି ସ୍କୁଲର ଜନୈକା ଶିକ୍ଷୟତ୍ରୀଙ୍କୁ ଫୋନରେ ଅଶ୍ଳୀଳ ମେସେଜ ପଠାଇଥିବା ଚର୍ଚ୍ଚାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି । ଏହି ମେସେଜ ଦେଖି ଶିକ୍ଷୟତ୍ରୀ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେତୁ କଲମପୁର ବ୍ଲକ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଅଭିଯୋଗକୁ ପ୍ରେରଣ କରିଥିବା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲା ଶିକ୍ଷା ଅଧିକାରୀ କହନ୍ତି ଯେ ସଂପୃକ୍ତ ପ୍ରଧାନଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଠାଇଥିବା ମେସେଜ ସବୁ ସ୍କ୍ରିନସଟ କାଢ଼ି ଆମ ବିଭାଗକୁ ଲିଖିତ ଅଭିଯୋଗ କରିଛନ୍ତି । ସଂପୃକ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଏକ ଜଣେ ସିନିୟର୍ ଶିକ୍ଷକ । ତେଣୁ ଏହି ଅଭିଯୋଗକୁ ଆମେ ଡାଇରେକ୍ଟର ଙ୍କ ନିକଟକୁ ପ୍ରେରଣ କରିଛୁ । ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରାଯିବ । ତେବେ ଶିକ୍ଷାନୁଷ୍ଠାନ ଭଳି ଏକ ପବିତ୍ର ସଂସ୍ଥା ଯାହାକି ଦେଶର ଭବିଷ୍ୟତ ଗଢ଼ି ତୋଳିବାର ମୂଳଦୁଆ । ସେଭଳି ଅନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକଙ୍କ ଏଭଳି ଅପବିତ୍ର ନଜର ଜନମହଲରେ ଏକ ଚର୍ଚ୍ଚାର ବିଷୟ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଏଭଳି ଶିକ୍ଷକଙ୍କ ବିରୁଦ୍ଧରେ ବିଭାଗୀୟ କର୍ତ୍ତୃପକ୍ଷ କିଭଳି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ସିଲିପଥର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସିଲିପଥର ଗ୍ରାମର ଉମେଶ ମହାନନ୍ଦ (୬୧) ବୋଲି ଜଣାପଡିଛି । ଏନେଇ ହୀରାକୁଦ ଥାନାରେ ୧୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ୟୁଜିସି ରେଗୁଲେସନ ପ୍ରତ୍ୟାହାର ଦାବିରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଭବାନୀପାଟଣା, (ସବ୍ୟୁ): ସବର୍ଣ୍ଣ ସମାଜ ବିରୋଧୀ ତଥା ଛାତ୍ର ଛାତ୍ରୀଙ୍କ ପ୍ରତି ଘୋର ପକ୍ଷପାତ ସୃଷ୍ଟିକାରୀ ୟୁଜିସି ରେଗୁଲେସନ ୨୦୨୬ କୁ ତୁରନ୍ତ ପ୍ରତ୍ୟାହାର ଦାବିରେ ବ୍ରାହ୍ମଣ ସମାଜ କଲାହାଣ୍ଡି ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ବ୍ରାହ୍ମଣ ସମାଜ କଲାହାଣ୍ଡିର ଜିଲ୍ଲା ଉପ ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ ବ୍ରାହ୍ମଣ ସମାଜର ସଦସ୍ୟ ସଦସ୍ୟା ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରଦର୍ଶନ କରିବା ସହ ଏକ ପ୍ରଧିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଉଚ୍ଚ ଶିକ୍ଷା କ୍ଷେତ୍ରରେ ସାଧାରଣ ସବର୍ଣ୍ଣ ବର୍ଗର ଛାତ୍ର ଛାତ୍ରୀଙ୍କ ପ୍ରତି ପକ୍ଷପାତ ସୃଷ୍ଟିକାରୀ କାରି ଏହି ୟୁଜିସି ରେଗୁଲେଲେସନ ଭାରତୀୟ ସମ୍ବିଧାନର ଧାରା ୧୪ ସମାନତା ଅଧିକାରକୁ କ୍ଷୁର୍ଣ୍ଣ କରୁଛି ଏବଂ ସାମାଜିକ ସଦଭାବନା ରକ୍ଷା ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିବ । ଏହା ସବର୍ଣ୍ଣ ସମାଜ ଛାତ୍ର ଛାତ୍ରୀଙ୍କ ପ୍ରତି ଅବିଚାର ତେଣୁ ଏହି କଳା ଆଇନ କୁ ତୁରନ୍ତ ପ୍ରତ୍ୟାହାର କରିବାକୁ ବ୍ରାହ୍ମଣ ସମାଜ କଲାହାଣ୍ଡି ଦାବି କରିଛି । ଅନ୍ୟ ମାନଙ୍କ ମଧ୍ୟରେ ପର୍ଶୁରାମ ସେନାର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର, ପ୍ରଜ୍ଞା ବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ଭବାନୀପାଟଣା ନଗର କମିଟି ଉପ ସଭାପତି ଆଦିତ୍ୟ ମିଶ୍ର,ସମ୍ପାଦକ ଶେଷଦେବ ମିଶ୍ର, ସମାଜର ବରିଷ୍ଠ ଓକିଲ ସନ୍ତୋଷ ପଣ୍ଡା, ନିହାର ରଞ୍ଜନ ମିଶ୍ର, ସମାଜର ବରିଷ୍ଠ ସଭ୍ୟ ଦେବୀ ପ୍ରସାଦ ଦାଶ, ଚକ୍ରଧର ଦାଶ , ସୁଦେଷ୍ଣା ପଣ୍ଡା, ଗୀତାଞ୍ଜଳି ବେହେରା, ଅର୍ଚ୍ଚନା ମିଶ୍ର, ସବିତା ଶତପଥୀ, ଶଶାଙ୍କ ଦାଶ, ସନ୍ତୋଷ ଦାଶ, ଉମା ଶଙ୍କର ମୁଣ୍ଡ, ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ବାରହା ମାଂସ ଜବତ ଘଟଣା

ମାଂସ ଜବତ, ୩ ଗିରଫ

ସିନାପାଲି,(ସବ୍ୟୁ): ସିନାପାଲି ବନାଞ୍ଚଳ ଅଧୀନ ଘାଟମାଲ ସେକ୍ସନରେ ବରାହା ଶିକାର ଘଟଣାର ପର୍ଦାଫାଶ ହୋଇଛି । ଫାଶ ବସାଇ ବରାହା ଶିକାର କରିବା ଏବଂ ଏହାର ମାଂସ ରଖିବା ଅଭିଯୋଗରେ ବନ ବିଭାଗ ତିନି ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ପ୍ରାୟ ୭ କିଲୋଗ୍ରାମ ଓଜନର ବରାହାର ବାମ ଗୋଡ଼ ଜବତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ।

ବନ ବିଭାଗର ସୂଚନା ଅନୁଯାୟୀ, ଅକ୍ଟୋବର ୩୧ ତାରିଖରେ ଘାଟମାଲ ଗ୍ରାମର ଭକ୍ତ ମାଝୀଙ୍କ ପୁଅ ଖଗେଶ୍ୱର ମାଝୀ ନିଜ ମକା ଚାଷ ଜମିରେ ବରାହା ଶିକାର ଉଦ୍ଦେଶ୍ୟରେ ଫାଶ ବସାଇଥିଲେ । ରବିବାର ସକାଳେ ଜମିକୁ ଯାଇ ଦେଖିବାବେଳେ ଫାଶରେ ପଡ଼ି ଏକ ବରାହାର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ପରେ ମୃତ ବରାହାକୁ କାଟି ନେଇଯାଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା ଏହି ସମୟରେ ଘାଟମାଲ ସେକ୍ସନର ଫରେଷ୍ଟର ମେଘନାଦ ମାଝୀ ଓ ଫରେଷ୍ଟ ଗାର୍ଡ ଅଜୟ ବନ୍ଦୀଛୋର ବୈଜଳପୁର ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ପାଟ୍ରୋଲିଂ ସମୟରେ ଚଟିଆଗୁଡ଼ା ଗ୍ରାମର ଜଗବନ୍ଧୁ ମାଝୀଙ୍କ ପୁଅ ହେରାମ୍ବ ମାଝୀ ଓ ଦାସମୁ ମାଝୀଙ୍କ ପୁଅ ଡିଙ୍ଗର ମାଝୀଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ବରାହାର ବାମ ଗୋଡ଼ ଜବତ ହୋଇଥିଲା। ଏହାର ଓଜନ ପ୍ରାୟ ୭ କିଲୋଗ୍ରାମ ବୋଲି ବନ ବିଭାଗ କହିଛି। ଘଟଣାର ତଦନ୍ତ ପରେ ଖଗେଶ୍ୱର ମାଝୀ, ହେରାମ୍ବ ମାଝୀ ଓ ଡିଙ୍ଗର ମାଝୀଙ୍କୁ ଗିରଫ କରାଯାଇଛି। ସିନାପାଲି ରେଞ୍ଜର ୧୯୧/ଗ, ୨୦୨୬-୨୭ ଅନୁଯାୟୀ ମାମଲା ରୁଜୁ ହୋଇଛି । ଅଭିଯୁକ୍ତମାନଙ୍କ ବିରୋଧରେ ବନ୍ୟଜନ୍ତୁ (ସୁରକ୍ଷା) ଆଇନ, ୧୯୭୨ର ଧାରା ୯ ସହିତ ଧାରା ୨(୧୬), ୩୯, ୪୪, ୪୯(ଏ) ଓ ୪୯(ବି)ର ବିଭିନ୍ନ ବ୍ୟବସ୍ଥା ଉଲ୍ଲଂଘନ ଅଭିଯୋଗ ରହିଛି। ଏଥିସହ ଧାରା ୫୧(୧) ଓ ୫୧(୧ଏ) ଅନୁଯାୟୀ ଦଣ୍ଡବିଧାନ ବ୍ୟବସ୍ଥା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ୨୦୨୨ର ସଂଶୋଧିତ ଆଇନ ଅନୁଯାୟୀ ମଧ୍ୟ ଆଇନଗତ ପଦକ୍ଷେପ ନିଆଯାଇଛି । ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ ବନ ବିଭାଗ ପକ୍ଷରୁ ପେଟ୍ରୋଲିଂ ଓ ନିରୀକ୍ଷଣ ଜାରି ରହିଛି। ବନ୍ୟଜନ୍ତୁ ଶିକାର ଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ରାଜ୍ୟ ଦୃଷ୍ଟିହୀନ ଓ ପାରା ଜୁଡୋ ଚାମ୍ପିଅନସିପରେ ସମ୍ବଲପୁର ଦଳ ରନର୍ସଅପ୍



ସମ୍ବଲପୁର,(ସବ୍ୟୁ): ପାରାଦୀପ ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ୩ୟ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ଏବଂ ପାରା ଜୁଡୋ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଥର ପାଇଁ ସମ୍ବଲପୁର ଜିଲ୍ଲା ଏହି ପ୍ରତିଯୋଗିତାରେ ସାମିଲ ହୋଇଥିଲା। ମୁଖ୍ୟ କୋଚ୍ ଇଶାନ କୁମାର ପ୍ରଧାନଙ୍କ ନେତୃତ୍ୱରେ ୧୬ଜଣ ଦୃଷ୍ଟିହୀନ ଖେଳାଳି ଭାଗ ନେଇଥିଲେ। ଖେଳାଳି ମାନେ ଉତ୍କୃଷ୍ଟ କ୍ରୀଡା ପ୍ରଦର୍ଶନ କରି ୯ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏଥିସହ ସମ୍ବଲପୁର ଜିଲ୍ଲା ଦଳଗତ ରନର୍ସଅପ୍ ହୋଇଛି। ସେମାନଙ୍କୁ ସମ୍ବଲପୁର ଷ୍ଟେସନରେ ଜିଲ୍ଲା ଦୃଷ୍ଟିହୀନ ଓ ପାରା ଜୁଡୋ ଆସୋସିଏସନ୍ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମସ୍ତ ପଦକଧାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଜିଲ୍ଲା କ୍ରୀଡା ଅଧିକାରୀ ସତ୍ୟ ନାରାୟଣ ତାଣ୍ଡି, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସମ୍ପାଦକ ଜିତେନ୍ଦ୍ର ପ୍ରଧାନ, ସମାଜସେବୀ ଦିଲ୍ଲୀପ ଦୁରିଆ, ସଙ୍ଗୀତା ପ୍ରଧ

ସମ୍ପାଦକୀୟ

ଏବର ସାମାଜିକ ଗଣମାଧ୍ୟମ

ଏବର ସୂଚନା ଯୁଗରେ ସାମାଜିକ ଗଣମାଧ୍ୟମ ଖୁବ ସକ୍ରିୟ ବୋଲି ମନେହେଉଛି । ସମ୍ବାଦପତ୍ର ଯେପରି ନିତ୍ୟ ବ୍ୟବହାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇଥିଲା, ଏବେ ମଧ୍ୟ ସେହି ପରମ୍ପରାକୁ ସେ ବଜାୟ ରଖି ପାରିଛି । ମାତ୍ର ଇଲୋକ୍ଟ୍ରୋନିକ (ତଡ଼ିତ) ଗଣମାଧ୍ୟମ ଏହା ପରେ ପ୍ରଭାବ ବିସ୍ତାର କରିଥିଲା । ସେତେବେଳେ ସରକାରୀ ନିୟନ୍ତ୍ରଣାଧୀନ ରେଡିଓ ବା ଦୂରଦର୍ଶନ ହିଁ ତୁରନ୍ତ ସୂଚନା ବା ଖବର ଦେଇ ଜନସାଧାରଣଙ୍କୁ ପ୍ରଭାବିତ କରି ଆସୁଥିବା ସତ୍ତ୍ୱେ, ସଂପୂର୍ଣ୍ଣ ତଥ୍ୟ ପାଇଁ ଲୋକେ ଏହା ଉପରେ ଭରସା ନ କରି ସେହି ମୁଦ୍ରଣ ଗଣମାଧ୍ୟମ ଉପରେ ଭରସା କରି ଆସୁଛନ୍ତି । ମାତ୍ର ମୁଦ୍ରଣ ଗଣମାଧ୍ୟମ ଓ ତଡ଼ିତ ଗଣମାଧ୍ୟମକୁ ପଛରେ ପକାଇ ସାମାଜିକ ଗଣମାଧ୍ୟମ ଶସ୍ତା ଓ ଚାଞ୍ଚଲ୍ୟକର ସମ୍ବାଦ ପରିବେଷଣ କରିବାକୁ ଆଗଭର ହୋଇଛି ଏବେ ମୋବାଇଲ ଫୋନ ଜରିଆରେ । ମୋବାଇଲ ଫୋନ ଏବେ ଜନସାଧାରଣଙ୍କର ଜୀବନରେଖା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ମାତ୍ର ଅନେକ ମିଥ୍ୟା, ଶସ୍ତା ଓ ଚାଞ୍ଚଲ୍ୟକର ଖବର ପରିବେଷଣ କରି ଅନେକ ପାଠ୍ୟ ଓ ଭିଡିଓ ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଏବେ ତତ୍ପର ।

'I should have one also. Every one should have his paper'. (ମୋର ଖଣ୍ଡେ କାଗଜ ଥିବା ଦରକାର । ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଖବରକାଗଜ ଥିବା ଦରକାର) ଚା' ପାନ ପରେ ନେହରୁ ବୁଝାଇଲେ, ବିଲାତରେ ଯେ ଯାହାର ଖବରକାଗଜ କିଣେ ପଢ଼ିବା ପାଇଁ । ରେଡିଓ ପାଇଁ ମଧ୍ୟ ସେଇ କଥା । କିଏ କେଉଁ ଷ୍ଟେସନରୁ କେତେବେଳେ କ'ଣ ଶୁଣିବ, ସେଥିପାଇଁ ତା'ର ଅଲଗା ରେଡିଓ ହେଲେ ସୁବିଧା । ପାଖରେ ଲୋକ ଥିଲେ, ନିଜ ଇଅର ଫୋନ ଲଗାଇ ଶୁଣିଲେ ଅନ୍ୟଙ୍କୁ ବାଧିବ ନାହିଁ । ଏହା ଟିଭି ଆସିବା ପୂର୍ବ ଘଟଣା । (ସମ୍ପାଦକୀୟ, ଟିଭି ସିରିଆଲ' ୪୨ ବର୍ଷ-୩ୟ ସଂଖ୍ୟା 'ଝଙ୍କାର') । ଏଥିରୁ ଦୈନିକ ସମ୍ବାଦପତ୍ରର ଗ୍ରହଣୀୟତା ଜଣାପଡ଼ିଥାଏ ।

ଭାରତ ସରକାର ଇତିମଧ୍ୟରେ ଅନେକ ମୋବାଇଲ ଜରିଆରେ ଆସୁଥିବା ସାମାଜିକ ପ୍ରୟୋଗ ଉପରେ କଟକଣା ଲାଗୁ କରିଛନ୍ତି । ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୬୯କ ଅନୁଯାୟୀ ଏହା କରାଯାଇଛି । ବିଶେଷକରି ୧୪ ବର୍ଷରୁ କମ୍ ପିଲାଙ୍କ ପାଇଁ ଏବଂ ଆଂଶିକ ଭାବେ ୧୬ ଓ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ଏହି ନିଷେଧାଦେଶ ଭାରତରେ ଜାରି କରାଯାଉଛି । ସାମାଜିକ ଗଣ ଯୋଗାଯୋଗ ମାଧ୍ୟମରେ ଅନେକ ସକରାତ୍ମକ ବୈଶିଷ୍ଟ୍ୟ ଥିଲେ ମଧ୍ୟ ଅନେକ ନକରାତ୍ମକ ବିଷୟ ମଧ୍ୟ ଆମର କ୍ଷତି ସାଧନ କରୁଛି । ସେଥିପାଇଁ ଏହାର ବ୍ୟକ୍ତିକ ଓ ନିରାପତ୍ତାମୂଳକ ବିଷୟବସ୍ତୁ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଉଛି । ଏବେ ସାମାଜିକ ଗଣମାଧ୍ୟମଗୁଡ଼ିକ ମଧ୍ୟରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ଥ୍ରେଡ୍‌ସ୍ ଓ ଟ୍ୱିଟର ବା ଏକ୍ସ (X) ଲୋକପ୍ରିୟତା ଅର୍ଜନ କରିଛି । ମାତ୍ର ଏସବୁ ଜରିଆରେ ଅନେକ ମିଥ୍ୟା ଓ ଜାଲ୍ କାରବାର ମଧ୍ୟ କରାଯାଉଛି । ଅନଲାଇନରେ ଦଙ୍ଗା ଓ ହିଂସାକାଣ୍ଡ ପ୍ରଭୃତିକୁ ପ୍ରଶ୍ରୟ ଦିଆଯାଉଛି ଏବଂ ଅନ୍‌ଲାଇନ ଅର୍ଥ ଦେଣନେଣ କାରବାରରେ ଅନେକ ସୁବିଧା ଉପଲବ୍ଧ ହେଉଥିଲେ ମଧ୍ୟ ସାଇବର ଠକମାନେ ନୀରିହ ଲୋକଙ୍କଠାରୁ ଅର୍ଥ ଶୋଷଣ କରୁଥିବା ଅଭିଯୋଗମାନ ହେଉଛି । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ନିୟମାବଳି ୨୦୨୧ ଅନୁଯାୟୀ ସାମାଜିକ ଗଣମାଧ୍ୟମକୁ ହିଂସାକାଣ୍ଡ, ଭିଡ଼ହିଂସା ବା ସେହିପରି କିଛି ପାଠ୍ୟ ଓ ଭିଡ଼ିଓକୁ ନିଷେଧ କରାଯାଇଛି । ମାତ୍ର ଏହାକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯିବାକୁ ନୂତନ ଓ କଡ଼ାକଡ଼ି ଆଇନର ଆବଶ୍ୟକତା ଏବେ ଅପରିହାର୍ଯ୍ୟ ବୋଲି ମନେ ହୋଇଛି । କାରଣ ଅନେକ ସମୟରେ ମିଥ୍ୟା ଖବର ବା ଗୁଜବ ସମାଜର କ୍ଷତି କରୁଛି । ସାରା ବିଶ୍ୱରେ ୪ ଦଶମିକ ୪୮ ବିଲିଅନ (ଏକ ବିଲିଅନ ୧୦୦ କୋଟି) ଜନତା ବିଭିନ୍ନ ସାମାଜିକ ଗଣମାଧ୍ୟମର ବ୍ୟବହାରକାରୀ ବୋଲି ଜଣାପଡ଼ିଛି । ଭାରତରେ ସର୍ବୋଚ୍ଚ ଅଦାଲତ ମଧ୍ୟ ଏପରି ନିଷେଧାଦେଶକୁ ସୁପାରିଶ କରିଛନ୍ତି ।

ସମ୍ବାଦପତ୍ରର ବିଶ୍ୱସନୀୟତା ଅତୀତରେ ଥିଲା, ଏବେ ଅଛି ଓ ଭବିଷ୍ୟତରେ ମଧ୍ୟ ରହିବ । ଏ ସମ୍ପର୍କରେ ଅତୀତର ଏକ ସୁନ୍ଦର ଉଦାହରଣ ଏଠାରେ ଦିଆଯାଇ ପାରେ । ଓଡ଼ିଆ ସାହିତ୍ୟର ସବୁଜ ଯୁଗର ଲେଖକ ଜଷ୍ଟିସ ହରିହର ମହାପାତ୍ର ଠାଏ ଲେଖିଛନ୍ତି- 'ରେଡିଓ ଟିଭି ପୂର୍ବରୁ ଶିକ୍ଷିତ ଲୋକେ ଖବର କାଗଜକୁ ଦୈନିକ ଆବଶ୍ୟକତା ରୂପେ ଗ୍ରହଣ କରୁଥିଲେ । ସଭ୍ୟ ସମାଜର ଆଦବ କାଇଦା ଅନୁଯାୟୀ ନିଜେ ନ କିଣି ଅନ୍ୟ କାହାଠାରୁ ମାଗି ପଢ଼ିବା ଅସଙ୍ଗତ । ଥରେ ଏକ ଟ୍ରେନ୍‌ରେ ଏକା କମ୍ପାଟମେଣ୍ଟରେ ୫ଜଣ ନେତୃସ୍ଥାନୀୟ କଂଗ୍ରେସ ଲୋକ ଯାଉଥିଲେ । ଜବାହରଲାଲ ନେହରୁ, ହରେକୃଷ୍ଣ ମହତାବ ତାଙ୍କ ଭିତରେ ଥିଲେ । ସକାଳ ହେବା ପରେ ଟ୍ରେନ୍ ପ୍ରଥମେ ରହିଲା ପାଟଣା ଜଙ୍କସନ ଷ୍ଟେସନରେ । ଧଡ଼ଧାଡ଼ ଲୋକେ ଓହ୍ଲାଇଲେ ଚା' ଓ ଖବରକାଗଜ ପାଇଁ । ମହତାବ ବାବୁ ଖଣ୍ଡିଏ ଇଂରାଜୀ ଦୈନିକ ଖବରକାଗଜ କିଣି ଡବାକୁ ଆସିଲେ । ଖବର କାଗଜ ଷ୍ଟଲ କେଉଁଠି ପଚାରି ନେହରୁ ଓହ୍ଲାଇଥିଲେ । **ମହତାବ ବାବୁ ଖବର କାଗଜ ଆଣିଛନ୍ତି ବୋଲି କହିବାରୁ ଜବାହରଲାଲ ଉତ୍ତର ଦେଲେ** - 'I should have one also. Every one should have his paper'. (ମୋର ଖଣ୍ଡେ କାଗଜ ଥିବା ଦରକାର । ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଖବରକାଗଜ ଥିବା ଦରକାର) ଚା' ପାନ ପରେ ନେହରୁ ବୁଝାଇଲେ, ବିଲାତରେ ଯେ ଯାହାର ଖବରକାଗଜ କିଣେ ପଢ଼ିବା ପାଇଁ । ରେଡିଓ ପାଇଁ ମଧ୍ୟ ସେଇ କଥା । କିଏ କେଉଁ ଷ୍ଟେସନରୁ କେତେବେଳେ କ'ଣ ଶୁଣିବ, ସେଥିପାଇଁ ତା'ର ଅଲଗା ରେଡିଓ ହେଲେ ସୁବିଧା । ପାଖରେ ଲୋକ ଥିଲେ, ନିଜ ଇଅର ଫୋନ ଲଗାଇ ଶୁଣିଲେ ଅନ୍ୟଙ୍କୁ ବାଧିବ ନାହିଁ । ଏହା ଟିଭି ଆସିବା ପୂର୍ବ ଘଟଣା । (ସମ୍ପାଦକୀୟ, ଟିଭି ସିରିଆଲ' ୪୨ ବର୍ଷ-୩ୟ ସଂଖ୍ୟା 'ଝଙ୍କାର') । ଏଥିରୁ ଦୈନିକ ସମ୍ବାଦପତ୍ରର ଗ୍ରହଣୀୟତା ଜଣାପଡ଼ିଥାଏ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ବାତ୍ୟା ଅର୍ଣ୍ଣବ ପାଇଁ ପ୍ରସ୍ତୁତି କିପରି ହୋଇଥାନ୍ତା(୨)



ପ୍ର. ସୁରେନ୍ଦ୍ରନାଥ ପଶୁପାଳକ

ବନ୍ୟାର ଭୟାବହତା କେବଳ ବର୍ଷାର ତୀବ୍ରତା ଉପରେ ନିର୍ଭର କରେନାହିଁ, ନଦୀ ଅବବାହିକାରେ ବର୍ଷାର ଅବଧି ଓ ବିସ୍ତାର, ମାଟିର ପୂର୍ବ ଆର୍ଦ୍ରତା, ଜଳଭଣ୍ଡାରର ଜଳଧାରଣ ଓ ଜଳ ଛାଡ଼ିବାର ପରିମାଣ, ନଦୀର ଅବସ୍ଥା ଏବଂ ତଳମୁଣ୍ଡରେ ଜଳ ନିଷ୍କାସନ କ୍ଷମତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

୪. ସରକାରଙ୍କ ପ୍ରସ୍ତୁତିର ମୂଲ୍ୟାୟନ କିପରି ହେବା ଉଚିତ?

ସରକାର ମୁଖ୍ୟତଃ ସରକାରୀ ପାଣିପାଗ ଓ ଜଳବିଜ୍ଞାନ ସମ୍ପର୍କିତ ସତର୍କ ସୂଚନା, ଜିଲ୍ଲା ପ୍ରଶାସନର ତଥ୍ୟ ଏବଂ ପ୍ରଚଳିତ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଆଧାରରେ ଆଗୁଆ ପଦକ୍ଷେପ ନେଇଥାନ୍ତି । ମୋ ମତରେ, ସରକାରଙ୍କ ପ୍ରତିକ୍ଷେଧମୂଳକ ପଦକ୍ଷେପର ମୂଲ୍ୟାୟନ ସେତେବେଳେ ଉପଲବ୍ଧ ସତର୍କ ସୂଚନା ଓ ପୂର୍ବରୁ ଆକଳନ କରାଯାଇପାରୁଥିବା ବିପଦ ଆଧାରରେ ହେବା ଉଚିତ । ପରେ ବିପର୍ଯ୍ୟୟ କେତେ ଭୟାବହ ହେଲା, କେବଳ ସେହି ଆଧାରରେ ପ୍ରସ୍ତୁତିର ବିଚାର କରିବା ଯଥାର୍ଥ ନୁହେଁ । ଲୋକଙ୍କୁ ସ୍ଥାନାନ୍ତର, ଆଶ୍ରୟସ୍ଥଳ ପ୍ରସ୍ତୁତି, ଉଦ୍ଧାରକାରୀ ଦଳ ମୁତୟନ, ଯୋଗାଯୋଗ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷାମୂଳକ ପଦକ୍ଷେପ ଯଥାସମୟରେ ନିଆଯାଇଥିଲା କି ନାହିଁ, ତାହା ସମୀକ୍ଷା କରିବା ଆବଶ୍ୟକ । ଜଳଭଣ୍ଡାର ପରିଚାଳନାକୁ ବିଶେଷ ଗୁରୁତ୍ୱ ଦେବା ଦରକାର । ଜଳଭଣ୍ଡାରର ଜଳସ୍ତର, ଖାଲି ଜଳଧାରଣ କ୍ଷମତା, ଜଳ ପ୍ରବେଶ, ସମ୍ଭାବ୍ୟ ଜଳ ନିଷ୍କାସନ ଓ ତଳମୁଣ୍ଡର ନଦୀ ଅବସ୍ଥା ବନ୍ୟା ବିପଦକୁ ପ୍ରଭାବିତ କରିପାରେ । ଅଡ଼ବା ଓ ଡହ ଭଳି ଜଳଭଣ୍ଡାରରୁ ହଠାତ ଜଳ ଛଡ଼ାଯାଇଥିବା ନେଇ କେତେକ ଅଭିଯୋଗ ହୋଇଛି । ମୁଁ ଏହି ଅଭିଯୋଗଗୁଡ଼ିକୁ ସ୍ୱାଧୀନ ଭାବେ ଯାଞ୍ଚ କରିନାହିଁ ।

ଜଳଭଣ୍ଡାରରୁ ଜଳ ଛାଡ଼ିବା ଯୋଗୁ ବନ୍ୟା ବଢ଼ିଥିଲା କି ନାହିଁ, ସେ ବିଷୟରେ ନିଷ୍କର୍ଷ ନେବା ପୂର୍ବରୁ ଗେଟ୍ ପରିଚାଳନାର ସରକାରୀ ରେକର୍ଡ, ଜଳ ଛାଡ଼ିବାର ସମୟ, ଜଳ ପ୍ରବେଶ ଓ ନିଷ୍କାସନ ପରିମାଣ, ତଳମୁଣ୍ଡର ନଦୀ ଜଳସ୍ତର ଏବଂ ଅବବାହିକାରେ ହୋଇଥିବା ବର୍ଷାକୁ ଯାଞ୍ଚ କରିବା ଆବଶ୍ୟକ । ସେହିପରି, ବିପର୍ଯ୍ୟୟ ପୂର୍ବର ପ୍ରସ୍ତୁତି ଓ ବିପର୍ଯ୍ୟୟ ଗୁରୁତର ହେବା ପରେ ପ୍ରଶାସନର ଜରୁରୀ ପଦକ୍ଷେପକୁ ଅଲଗା ଭାବେ ମୂଲ୍ୟାୟନ କରିବା ଉଚିତ ।

ଉପଲବ୍ଧ ତଥ୍ୟ ଆଧାରରେ ସରକାର ଆଦୌ ପ୍ରସ୍ତୁତ ନଥିଲେ ବୋଲି ନିଶ୍ଚିତ ନିଷ୍କର୍ଷ ନେବା ଯଥାର୍ଥ ନୁହେଁ । ସେହିପରି ସମସ୍ତ ଆବଶ୍ୟକ ସତର୍କତା ଅବଲମ୍ବନ କରାଯାଇଥିଲା ବୋଲି ମଧ୍ୟ କୁହାଯାଇପାରିବ ନାହିଁ । ଏଥିପାଇଁ ସେତେବେଳର ତଥ୍ୟ ଓ ପ୍ରଶାସନିକ ନିଷ୍ପତ୍ତିର ନିରପେକ୍ଷ ସମୀକ୍ଷା ଆବଶ୍ୟକ ।

୫. ଟେଲିଭିଜନ ଆଲୋଚନାରେ ମୁଁ କ'ଣ ସତର୍କ କରାଇଥିଲି?

୨୭ ରୁ ୨୯ ଅକ୍ଟୋବର ମଧ୍ୟରେ ଅର୍ଗସ୍ ଏବଂ ନନ୍ଦିଘୋଷ ଟେଲିଭିଜନ ଆଲୋଚନାରେ ମୁଁ ବାତ୍ୟା ଅର୍ଣ୍ଣବର ତିନୋଟି ପ୍ରମୁଖ ବିପଦ ଉପରେ ଗୁରୁତ୍ୱ ଦେଇଥିଲି-ପବନ, ବର୍ଷା ଓ ବନ୍ୟା ।

ବିଶେଷକରି ଋଷିକୁଲ୍ୟା, ପଦ୍ମା ଓ ଜରଉ ନଦୀରେ ବନ୍ୟା ହେବାର ସମ୍ଭାବନା ଏବଂ ସୋରଡ଼ାରୁ ପୁରୁଷୋତ୍ତମପୁର ପର୍ଯ୍ୟନ୍ତ ଅଞ୍ଚଳ ପ୍ରଭାବିତ ହୋଇପାରେ ବୋଲି ସତର୍କ କରାଇଥିଲି। ମୋର ଯେତେଦୂର ମନେ ଅଛି, ଆସିକା ଓ ହିଞ୍ଜିଳିର ନାମ ମଧ୍ୟ ଉଲ୍ଲେଖ କରିଥିଲି ।

କନ୍ଧମାଳ ଜିଲ୍ଲା ପାଇଁ ପାଣିପାଗ ବିଭାଗର ଲାଲ୍ ସତର୍କ ସୂଚନା ନଥିଲେ ମଧ୍ୟ ସେଠାରେ ଭୂସ୍ଖଳନ ବିପଦ ସମ୍ପର୍କରେ ମୁଁ ସତର୍କ କରାଇଥିଲି । ମୋର ବର୍ଷା ପୂର୍ବାନୁମାନରେ ମଧ୍ୟ ପରବର୍ତ୍ତୀ ସମୟରେ ରେକର୍ଡ ହୋଇଥିବା ଅସାଧାରଣ ବର୍ଷାର ପରିମାଣ ଆକଳନ କରାଯାଇ ପାରିନଥିଲା। ତେବେ ସମ୍ଭାବ୍ୟ ବର୍ଷାର ଭୌଗୋଳିକ ଓ ଜଳବିଜ୍ଞାନ ସମ୍ପର୍କିତ ପ୍ରଭାବ ଆକଳନ କରିବାକୁ ମୁଁ ଉଦ୍ୟମ କରିଥିଲି । ମୁଁ କେଉଁ ସମୟରେ କ'ଣ କହିଥିଲି ଏବଂ କେଉଁ ଅଞ୍ଚଳର ନାମ ଉଲ୍ଲେଖ କରିଥିଲି, ତାହା ମୂଳ ଟେଲିଭିଜନ ରେକର୍ଡିଂରୁ ଯାଞ୍ଚ କରାଯାଇପାରିବ ।

ଏହି ଆଲୋଚନାଗୁଡ଼ିକର ଉଲ୍ଲେଖ କରିବାର ଉଦ୍ଦେଶ୍ୟ ସ୍ୱାଧୀନ ପୂର୍ବାନୁମାନକୁ ସରକାରୀ ସତର୍କ ସୂଚନାର ବିକଳ୍প ଭାବେ ଦର୍ଶାଇବା ନୁହେଁ, ବରଂ ବର୍ଷା ପୂର୍ବାନୁମାନ ସହିତ ତାହାର ସମ୍ଭାବ୍ୟ ବନ୍ୟା ଓ ଭୂସ୍ଖଳନ ପ୍ରଭାବକୁ ମଧ୍ୟ ବିଚାର କରିବାର ଗୁରୁତ୍ୱ ଦର୍ଶାଇବା ।

୬. ଓଡ଼ିଶାର ବିପର୍ଯ୍ୟୟ ପ୍ରଭାବ ଆକଳନ କ୍ଷମତାକୁ ସୁଦୃଢ଼ କରିବା।

ବାତ୍ୟା ଅର୍ଣ୍ଣବ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ବୈଜ୍ଞାନିକ ସହାୟତା ଯୋଗାଇବାର ଏକ ସୁଯୋଗ ସୃଷ୍ଟି କରିଛି । ଏଥିପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର ପାଣିପାଗ ମଡେଲିଂ ଓ ବିପର୍ଯ୍ୟୟ ପ୍ରଭାବ ଆକଳନ ସେଲ୍ ଗଠନ କରିବାକୁ ମୁଁ ପ୍ରସ୍ତାବ ଦେଉଛି । ଏଥିରେ ପାଣିପାଗ ବିଜ୍ଞାନ, ଜଳବିଜ୍ଞାନ, କୃଷି ପାଣିପାଗ ବିଜ୍ଞାନ, ସଂଖ୍ୟାତ୍ମକ ପାଣିପାଗ ପୂର୍ବାନୁମାନ, ଦୂରସମ୍ବେଦନ, ଭୂଗୋଳ ଓ ବିପର୍ଯ୍ୟୟ ପରିଚାଳନାର ଅଭିଜ୍ଞ କାର୍ଯ୍ୟରତ ଓ ଅବସରପ୍ରାପ୍ତ ବୈଜ୍ଞାନିକମାନଙ୍କୁ ସାମିଲ କରାଯାଇପାରିବ ।

ଏହି ସେଲ୍ ଭାରତୀୟ ପାଣିପାଗ ବିଭାଗ, କେନ୍ଦ୍ରୀୟ ଜଳ ଆୟୋଗ, ରାଜ୍ୟ ଜଳସମ୍ପଦ ବିଭାଗ ଓ ଗବେଷଣା ଅନୁଷ୍ଠାନ ସହିତ ସମନ୍ୱୟ ରଖି କାମ କରିବ। ଏହା ପାଣିପାଗ ବିଭାଗର ଦାୟିତ୍ୱର ବିକଳ୍ପ ହେବନାହିଁ, ବରଂ ତାହାକୁ ଅଧିକ ଫଳପ୍ରଦ କରିବ । ଏହାର ପ୍ରମୁଖ କାର୍ଯ୍ୟଗୁଡ଼ିକ ହୋଇପାରେ-

- ଗୁରୁତର ପାଣିପାଗ ବିଶ୍ଳେଷଣ: ଓଡ଼ିଶା ପାଇଁ ଉଚ୍ଚ ବିଭେଦନକ୍ଷମତାସମ୍ପନ୍ନ ପାଣିପାଗ ମଡେଲ, ସମୂହ ପୂର୍ବାନୁମାନର ଅନିଶ୍ଚିତତା ଓ ବିକଳ୍ପ ପାଣିପାଗ ପରିସ୍ଥିତିର ବିଶ୍ଳେଷଣ ।
- ନଦୀ ଅବବାହିକାଭିତ୍ତିକ ବନ୍ୟା ଆକଳନ: ବର୍ଷା ପୂର୍ବାନୁମାନ ଆଧାରରେ ନଦୀ ଜଳସ୍ତର ବୃଦ୍ଧି, ଜଳମଗ୍ନ ଅଞ୍ଚଳ ଓ ତଳମୁଣ୍ଡରେ ବନ୍ୟା ସମ୍ଭାବନା ଆକଳନ
- ଜଳଭଣ୍ଡାର ଓ ନଦୀ ନିରୀକ୍ଷଣ: ଜଳଭଣ୍ଡାରର ଜଳସ୍ତର, ଜଳଧାରଣ କ୍ଷମତା, ଜଳ ପ୍ରବେଶ, ପ୍ରସ୍ତାବିତ ଜଳ ନିଷ୍କାସନ ଓ ନଦୀ ଜଳସ୍ତରର ତତ୍କାଳୀନ ତଥ୍ୟକୁ ସମନ୍ୱିତ କରିବା ।
- ଭୌଗୋଳିକ ପ୍ରଭାବ ଆକଳନ: ବିପଦପ୍ରବଣ ଜନବସତି, ବନ୍ୟାପ୍ରବଣ ସମତଳ ଭୂମି, ଭୂସ୍ଖଳନ ଆଶଙ୍କା ଥିବା ପାହାଡ଼ ଢାଲୁ, ରାସ୍ତା ଓ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଚିହ୍ନଟ କରିବା ।
- ପ୍ରଶାସନିକ ନିଷ୍ପତ୍ତି ପାଇଁ ସହାୟତା: ସରକାରୀ ସତର୍କ ସୂଚନା ସହିତ ସମନ୍ୱୟ ରଖି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ଜିଲ୍ଲାଭିତ୍ତିକ ନିର୍ଦ୍ଦିଷ୍ଟ ବିପଦ ଆକଳନ ଯୋଗାଇବା ।

ଓଡ଼ିଶାରେ ଏହିସବୁ ବିଷୟରେ ଅନେକ ଅଭିଜ୍ଞ ବୈଜ୍ଞାନିକ ଅଛନ୍ତି। ଏକ ସ୍ଥାୟୀ ଆନୁଷ୍ଠାନିକ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କ ଜ୍ଞାନ ଓ ଅଭିଜ୍ଞତାକୁ ଉପଯୋଗ କରାଯାଇପାରିବ ।

ଏହାର ଉଦ୍ଦେଶ୍ୟ ହେବ ପାଣିପାଗ ସୂଚନାକୁ ବାସ୍ତବ ପ୍ରଶାସନିକ ନିଷ୍ପତ୍ତି ସହିତ ଯୋଡ଼ିବା, ଯାହାଦ୍ୱାରା କେଉଁଠାରେ, କେତେବେଳେ ଏବଂ କିପରି ଆଗୁଆ ପଦକ୍ଷେପ ନିଆଯିବ, ତାହା ସ୍ପଷ୍ଟ ହୋଇପାରିବ ।

ଉପସଂହାର

ବାତ୍ୟା ଅର୍ଣ୍ଣବ ଯୋଗୁ ହୋଇଥିବା ବନ୍ୟା ଓ ଭୂସ୍ଖଳନର ବୈଜ୍ଞାନିକ ଓ ପ୍ରଶାସନିକ ସମୀକ୍ଷା ହେବା ଆବଶ୍ୟକ । ପାଣିପାଗ ବିଭାଗ ଅତ୍ୟଧିକ ପ୍ରବଳ ବର୍ଷାର ସତର୍କ ସୂଚନା ଦେଇଥିଲା । କିନ୍ତୁ ଏଠାରେ ଆଲୋଚିତ ଦୁଇଟି ଜାତୀୟ ବୁଲେଟିନରେ ପରବର୍ତ୍ତୀ ନଦୀବନ୍ୟାର ଭୟାବହତା ଓ ଭୌଗୋଳିକ ପ୍ରଭାବ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଯାଇନଥିଲା । ରାଜ୍ୟସ୍ତରୀୟ ପ୍ରଭାବ ଆକଳନ, ଜଳଭଣ୍ଡାର ପରିଚାଳନା ଓ ସରକାରଙ୍କ ଆଗୁଆ ପଦକ୍ଷେପ କେତେ ଯଥେଷ୍ଟ ଥିଲା, ତାହା ସରକାରୀ ରେକର୍ଡ ଆଧାରରେ ନିର୍ଣ୍ଣୟ କରିବା ଆବଶ୍ୟକ । ଏହି ଦାୟିତ୍ୱଗୁଡ଼ିକ ପରସ୍ପର ସମ୍ପର୍କିତ ହେଲେ ମଧ୍ୟ ପୃଥକ୍ ଭାବେ ସମୀକ୍ଷା କରାଯିବା ଉଚିତ ।

ଏହି ଘଟଣାରୁ ସବୁଠାରୁ ଗଠନମୂଳକ ଶିକ୍ଷା ହେଉଛି, ଓଡ଼ିଶାର ସ୍ଥାନୀୟ ନଦୀ ଅବବାହିକା, ଜଳଭଣ୍ଡାର ଓ ବିପଦପ୍ରବଣ ଜନବସତିକୁ ବିଚାର କରି ଗୁରୁତର ପାଣିପାଗ ପୂର୍ବାନୁମାନର ପ୍ରଭାବ ଆକଳନ କରିବାର କ୍ଷମତା ବଢ଼ାଇବା । ସଫଳ ବିପର୍ଯ୍ୟୟ ପ୍ରସ୍ତୁତିର ଅର୍ଥ କେବଳ କେତେ ବର୍ଷା ହେବ ତାହା ଜାଣିବା ନୁହେଁ ବରଂ ସେହି ବର୍ଷା କେଉଁଠାରେ ଗୁରୁତର କ୍ଷତି ଘଟାଇପାରେ, ତାହା ଆଗୁଆ ଆକଳନ କରି ଠିକ୍ ସମୟରେ ପ୍ରତିକ୍ଷେଧମୂଳକ ପଦକ୍ଷେପ ନେବା ।

ଜଳଭଣ୍ଡାରରୁ ଜଳ ଛାଡ଼ିବା ଯୋଗୁ ବନ୍ୟା ବଢ଼ିଥିଲା କି ନାହିଁ, ସେ ବିଷୟରେ ନିଷ୍କର୍ଷ ନେବା ପୂର୍ବରୁ ଗେଟ୍ ପରିଚାଳନାର ସରକାରୀ ରେକର୍ଡ, ଜଳ ଛାଡ଼ିବାର ସମୟ, ଜଳ ପ୍ରବେଶ ଓ ନିଷ୍କାସନ ପରିମାଣ, ତଳମୁଣ୍ଡର ନଦୀ ଜଳସ୍ତର ଏବଂ ଅବବାହିକାରେ ହୋଇଥିବା ବର୍ଷାକୁ ଯାଞ୍ଚ କରିବା ଆବଶ୍ୟକ । ସେହିପରି, ବିପର୍ଯ୍ୟୟ ପୂର୍ବର ପ୍ରସ୍ତୁତି ଓ ବିପର୍ଯ୍ୟୟ ଗୁରୁତର ହେବା ପରେ ପ୍ରଶାସନର ଜରୁରୀ ପଦକ୍ଷେପକୁ ଅଲଗା ଭାବେ ମୂଲ୍ୟାୟନ କରିବା ଉଚିତ ।

- ୩୮୭, ଲେନ୍-୪
ଜଗନ୍ନାଥବିହାର,
ବରମୁଣ୍ଡା, ଭୁବନେଶ୍ୱର
ଫୋନ: ୭୭୩୫୩୭୪୪୯୭

ମାନସିକ ବିସଙ୍ଗତି ଓ ଧର୍ମପୀଠରୁ ଚୋରି



ସୁଧାଂଶୁ ଶେଖର ଧଡା

ଯକ୍ଷ ଶବ୍ଦର ଅଭ୍ରଂଶ ହୋଇ ଓଡିଆ ଭାଷାରେ ଯଖ ବୋଲି ଶବ୍ଦଟିଏ ଅଛି। ପ୍ରାଚୀନ କାଳରେ କୃପଣ ମାନେ ମାଟି କିମ୍ବା ଧାତୁ ପାତ୍ରରେ ମୁଦ୍ରା ସଞ୍ଚୟ କରି ଚୋର ଭୟରେ ମାଟିରେ ପୋତି ରଖୁଥିଲେ। ମୃତ୍ୟୁ ପୂର୍ବରୁ ସେମାନେ ଏହାକୁ ଖୋଳି ଖର୍ଚ୍ଚ କରି ନପାରିଲେ ପୋତା ହୋଇଥିବା ମୁଦ୍

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୧୮ ଏମ୍ଓୟୁ...

କନକ ବର୍ଦ୍ଧନ ସିଂହଦେଓ ମିଳିତ ଭାବେ 'ଓଡ଼ିଶା ପାଭିଲିୟନ୍' ଓ 'ନେଦରଲ୍ୟାଣ୍ଡସ ପାଭିଲିୟନ୍'ର ଉଦ୍‌ଘାଟନ କରିବା ପରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଗ୍ରିଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ଏହି ଏମ୍ଓୟୁଗୁଡ଼ିକ ଆଦାନପ୍ରଦାନ କରିଥିଲେ। ଏହାପରେ "ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ" ଶୀର୍ଷକ ରାଜ୍ୟସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ଏବଂ ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ, ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିପୁଳ ପ୍ରାକୃତିକ ସମ୍ପଦ, ସୁଦୃଢ଼ ଶିଳ୍ପ ଆଧାର ଏବଂ ଉନ୍ନତ ବନ୍ଦର ଭିତ୍ତିଭୂମି ନିବେଶକଙ୍କ ପାଇଁ ଶ୍ରେଷ୍ଠ ସୁଯୋଗ ସୃଷ୍ଟି କରୁଛି। ଅକ୍ଷୟ ଶକ୍ତି, ଶକ୍ତି ସଂରକ୍ଷଣ, ଫ୍ଲୋଟିଂ ସୋଲାର, ପବନ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ କ୍ଷେତ୍ରରେ ରହିଥିବା ସମ୍ଭାବନା ଉପରେ ସେ ଆଲୋକପାତ କରିବା ସହ ଏହି ସବୁ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନୀତିଗତ ପ୍ରୋତ୍ସାହନ ବିଷୟରେ ଉଲ୍ଲେଖ କରିଥିଲେ। ଦେଶର ସବୁଜ ଶକ୍ତି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର, ରାଜ୍ୟ ଓ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ମିଳିତ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ଦେଶର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ହବ୍‌ରେ ପରିଣତ କରିବା ସହ ଭାରତର ଶ୍ରେଷ୍ଠ ପାଞ୍ଚଟି ବିଦ୍ୟୁତ୍ ରପ୍ତାନିକାରୀ ରାଜ୍ୟ ମଧ୍ୟରେ ସାମିଲ କରିବାର ଦୀର୍ଘମିଆଦୀ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ। "ଓଡ଼ିଶା ନିବେଶ ପାଇଁ ପ୍ରସ୍ତୁତ ଏବଂ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶକୁ ସ୍ୱାଗତ କରୁଛି" ବୋଲି ପ୍ରକାଶ କରି ସେ କହିଥିଲେ ଯେ, ୨୦୪୭ ସୁଦ୍ଧା ରାଜ୍ୟର ମୋଟ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୭୪ ପ୍ରତିଶତ ଅଣ-ଜୀବାଶ୍ମ ଉତ୍ସରୁ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଶିଳ୍ପ କ୍ଷେତ୍ରର ଅନ୍ତତଃ ୩୩ ପ୍ରତିଶତ ବିଦ୍ୟୁତ୍ ଆବଶ୍ୟକତା ସୁଲଭ ଦରରେ ସବୁଜ ଶକ୍ତି ମାଧ୍ୟମରେ ପୂରଣ କରାଯିବ ବୋଲି ସେ କହିଥିଲେ।

ନିବେଶକମାନଙ୍କୁ ସ୍ୱଚ୍ଛ ଶକ୍ତିରେ ଓଡିଶାର ଭିଜନ ସମ୍ପର୍କରେ ବିସ୍ତୃତ ବିବରଣୀ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଓଡିଶାରେ ୭ ହଜାର ମେଗାୱାଟର ଫ୍ଲୋଟିଙ୍ଗ୍ ସୋଲାର, ୨୦୪୭ ସୁଦ୍ଧା ୨୬ ହଜାର ପମ୍ପଡ୍ ଷ୍ଟୋରେଜ୍ ଏବଂ ୧ ହଜାର ମେଗାୱାଟ ପବନ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ତେଣୁ, ଓଡିଶାରେ ନିବେଶ କରିବା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଥିଲେ।

ନିବେଶକଙ୍କୁ ଓଡିଶାରେ ସ୍ୱଚ୍ଛ ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଆମନ୍ତ୍ରଣ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ତିନୋଟି ପ୍ରମୁଖ ସଂକଳ୍ପ ବିଷୟରେ ଦୋହରାଇଥିଲେ-- ସ୍ଥିର ଓ ସ୍ପଷ୍ଟ ନୀତି, ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ସମୟବଦ୍ଧ ମଞ୍ଜୁରୀ ଏବଂ ବିଦ୍ୟୁତ୍ ଉତ୍ପାଦନ ପୂର୍ବରୁ ପ୍ରସାରଣ ଭିତ୍ତିଭୂମିର ସୁଦୃଢ଼ୀକରଣ। ଏହି ଅବସରରେ ସେ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା' ଅଧୀନରେ ରାଜ୍ୟର ପାୱାର ଟ୍ରାନ୍ସମିସନ୍ ନେଟୱର୍କର ସମ୍ପ୍ରସାରଣ ପାଇଁ ମଞ୍ଜୁର ହୋଇଥିବା ୧୫,୯୪୮ କୋଟି ଟଙ୍କାର ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ଓଡ଼ିଶାର ଅନୁକୂଳ ଶିଳ୍ପ ପରିବେଶ, ଅକ୍ଷୟ ଶକ୍ତିର ସମ୍ଭାବନା ସହ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ସ୍ୱଚ୍ଛ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରର ସାମ୍ପ୍ରତିକ ସଫଳତା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ, ବିଗତ ଗ୍ରୀଷ୍ମଋତୁରେ ରାଜ୍ୟର ସର୍ବାଧିକ ୬,୨୪୨ ମେଗାୱାଟ୍ ବିଦ୍ୟୁତ୍ ଚାହିଦାକୁ ବିନା କୌଣସି ପାୱାରକଟ୍‌ରେ ସଫଳତାର ସହ ପୂରଣ କରାଯାଇଛି। ଗୋପାଳପୁର ଓ ପାରାଦୀପଠାରେ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆମୋନିଆ ହବ୍ ପ୍ରତିଷ୍ଠା ସହ ପମ୍ପଡ୍ ଷ୍ଟୋରେଜ୍, ଫ୍ଲୋଟିଂ ସୋଲାର ଓ ପବନ ଶକ୍ତି କ୍ଷେତ୍ରରେ ରାଜ୍ୟ ଆଗେଇ ଚାଲିଛି। କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ସୂଚନା ଦେଇଥିଲେ ଯେ, 'ଓଡ଼ିଶା ଅକ୍ଷୟଶକ୍ତିନୀତି-୨୦୨୨' ଅଧୀନରେ ୨୦୩୦ ସୁଦ୍ଧା ୧୦.୯୬ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ରାଜ୍ୟରେ ୩,୬୪୧.୨୩ ମେଗାୱାଟ୍ ଅକ୍ଷୟଶକ୍ତି କ୍ଷମତା ସ୍ଥାପିତ ହୋଇସାରିଛି।

ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ରାଜ୍ୟର ନୀତିଗତ ଢାଞ୍ଚା, ପ୍ରକଳ୍ପ ଅନୁମୋଦନ ବ୍ୟବସ୍ଥା ଏବଂ ଶକ୍ତି ସଂରକ୍ଷଣ ପ୍ରକଳ୍ପଗୁଡ଼ିକର ବିସ୍ତୃତ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ଏନ୍.ଏଲ୍.ସି. ଇଣ୍ଡିଆ, ଆଦାନୀ ପୋର୍ଟସ୍ ଆଣ୍ଡ ଏସ୍.ଇ.ଜେଡ୍., ଆଭାଡା ଗ୍ରୁପ୍, ଗ୍ରୀନକୋ ଗ୍ରୁପ୍, ଏକମେ ଗ୍ରୁପ୍, ଏଭ୍ରେନ୍ ଏବଂ ବ୍ରୁକ୍‌ଫିଲ୍ଡ ରିନିଉଏବଲ୍‌ସ୍ ଭଳି ଦେଶ-ବିଦେଶର ଅଗ୍ରଣୀ କମ୍ପାନୀଗୁଡ଼ିକର ସକ୍ରିୟ ଭାଗିଦାରୀ ଓଡ଼ିଶାର ସ୍ୱଚ୍ଛ ଶକ୍ତି କ୍ଷେତ୍ର ପ୍ରତି ବିଶ୍ୱସ୍ତରୀୟ ଆଗ୍ରହକୁ ପ୍ରମାଣିତ କରୁଛି। ଏହି ୧୮ଟି ଏମ୍ଓୟୁ ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗକୁ ଆଗକୁ ବଢ଼ାଇବା ଦିଗରେ ଏକ ମାଇଲଖୁଣ୍ଟ। ଏହି ସମ୍ମିଳନୀରେ ଅଂଶୀଦାର ରାଜ୍ୟ ଭାବେ ଯୋଗଦେଇ ଓଡ଼ିଶା ଏକ ସୁଦୃଢ଼ ସବୁଜ ଶକ୍ତି ପରିବେଶ ଗଠନ କରିବା ସହ ଦେଶର ଶକ୍ତି ରୂପାନ୍ତରଣ ଅଭିଯାନରେ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛି।

କୋଟିଆରେ...

ଘଟଣା ସ୍ଥଳରେ ଉତ୍ତେଜନା ଜାରି ରହିଥିବା ଦେଖିବାକୁ ମିଳିଛି । କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ ଓ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ ପ୍ଲାଟୁନ ପୁଲିସ ଫର୍ସକୁ ପଠାଯାଇଥିବା ଜଣାପଡିଛି । ଆନ୍ଧ୍ର ପ୍ରଦେଶର ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ସୀମାନ୍ତରେ ୭ ପ୍ଲାଟୁନ ଫୋର୍ସ ମୃତୟନ କରିଛନ୍ତି । କୋରାପୁଟ ଉପ ଜିଲ୍ଲାପାଳ ଓ ପଟାଙ୍ଗି ତହସିଲଦାର କୋଟିଆର ନେରିଡିବାଲାସାରେ ଆନ୍ଧ୍ର ଅଧିକାରୀ ଓ ପୋଲିସ ସହ ଉଚ୍ଚ ବାଚ ହୋଇଥିଲା । ସୋମବାର ଆନ୍ଧ୍ରପ୍ରଦେଶର ରାସନ ଚାଉଳ ଟ୍ରକକୁ ଓଡିଶା ପୋଲିସ ଅଟକାଇଥିଲା । ଯାହାଫଳରେ ଆନ୍ଧ୍ର ବାଧ ହୋଇ ସେହି ଚାଉଳ ବୋଝେଇ ଟ୍ରକକୁ ଫେରାଇ ନେଇଛନ୍ତି । ଆମ ପିଡିଏସ ଚାଉଳର ସୁରକ୍ଷା କରିବା ଏବଂ ଓଡ଼ିଶା ସୀମା ମଧ୍ୟକୁ ବେଆଇନ ଅନୁପ୍ରବେଶକୁ ରୋକିବା ପାଇଁ ଆମର 'ଖାକି ବାହିନୀ' ଓ ସଂପୃକ୍ତ ଅଧିକାରୀମାନେ ଯେଭଳି କର୍ତ୍ତବ୍ୟନିଷ୍ଠା ଦେଖାଇଛି, ତାହା ପ୍ରଶଂସନୀୟ ବୋଲି ବିରୋଧୀ କଂଗ୍ରେସ ଦଳ ପକ୍ଷରୁ କୁହାଯାଇଥିବା ବେଳେ କୋଟିଆରେ ଏବେବି ଉତ୍ତେଜନା ଲାଗି ରହିଛି । ଆନ୍ଧ୍ରପ୍ରଦେଶ ସରକାରଙ୍କ ଏଭଳି ବାରମ୍ବାର ଅନୁପ୍ରବେଶ ଏବଂ ଓଡ଼ିଶା ସୀମା ମଧ୍ୟରେ ଜୋରଜବରଦସ୍ତ କ୍ୟାମ୍ପ କରିବା ମନୋଭାବ ନିନ୍ଦନୀୟ । ଏହି ସମସ୍ୟାର ସମାଧାନ ରାସ୍ତାରେ ଆକ୍ରୋଶମୂଳକ ଭାବେ ହୋଇପାରିବ ନାହିଁ । ଓଡ଼ିଶା ସରକାର ତୁରନ୍ତ ସର୍ବୋଚ୍ଚ ଅଦାଲତଙ୍କ ୨୦୦୬ ମସିହାର "ଷ୍ଟାଟସ କୋ' (ସାମ୍ପ୍ରତିକ ସ୍ଥିତି) ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ କେନ୍ଦ୍ର ନିକଟରେ ଉପସ୍ଥାପନ କରନ୍ତୁ । ୧୯୩୬ ମସିହାରୁ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ରହିଆସିଥିବା କୋଟିଆ ସପକ୍ଷରେ ଯେତେ ପ୍ରାମାଣିକ ତଥ୍ୟ ରହିଛି ତାକୁ କେନ୍ଦ୍ର ସରକାର ନିକଟରେ ଉପସ୍ଥାପନ କରି ଏକ ସ୍ଥାୟୀ ଓ ଶାନ୍ତିପୂର୍ଣ୍ଣ ପ୍ରଶାସନିକ ବିଜୟ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଉ । କୋଟିଆର ଜନସାଧାରଣ ଆନ୍ଧ୍ରର ପଞ୍ଚା ନିର୍ବାଚନକୁ ସେମାନେ ବର୍ଜନ କରନ୍ତୁ। ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବିକାଶ ପ୍ରକ୍ରିୟା ପ୍ରସଙ୍ଗରେ ସୀମାନ୍ତ ଅଞ୍ଚଳର ପ୍ରତିଟି ପରିବାରର ସୁରକ୍ଷା ପାଇଁ ଦଳ ମତ ନିର୍ବିଶେଷରେ ଏକ ହେବାର ସମୟ ଆସିଛି । ପ୍ରଶାସନ ସାମ୍ପ୍ରତିକ ପରିସ୍ଥିତି ପ୍ରତି କଡ଼ା କନଜର ରଖିଛି ।

ବନ୍ୟାରେ...

ପୂଜାରୀ ବିସ୍ତୃତ ସମୀକ୍ଷା କରିଛନ୍ତି । ଇତିମଧ୍ୟରେ ପ୍ରାଥମିକ କ୍ଷୟକ୍ଷତି ଆକଳନ ରିପୋର୍ଟ କରି ପଠାଇବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପରେ ଚୂଡାନ୍ତ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହୋଇ କେନ୍ଦ୍ର ନିକଟରେ ଦାଖଲ କରାଯିବ। ପ୍ରଭାବିତ ଜନସାଧାରଣଙ୍କ ସହିତ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଅଛନ୍ତି ଏବଂ ସେମାନଙ୍କ ନକଟରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଇବା ନିମନ୍ତେ ନିରନ୍ତର ଉଦ୍ୟମରତ ଅଛନ୍ତି । ସେହିପରି ଗଜପତି ଜିଲ୍ଲାରେ ୨୦୨୪ ବ୍ୟାଚ୍ ଆଇଏଏସ୍ ଅଫିସର ପଓ୍ୱନ କୁମାର, ଗଞ୍ଜାମ ଜିଲ୍ଲାରେ ୨୦୨୨ ବ୍ୟାଚ୍ ଆଇଏଏସ୍ ଅଫିସର୍ ଅଜିତ କୁମାର, ୨୦୨୩ ବ୍ୟାଚ୍ ଆଇଏଏସ୍ ଅଫିସର୍ ତେଜସ୍ୱିନୀ ବେହେରା ଏବଂ କନ୍ଧମାଳ ଜିଲ୍ଲାରେ ୨୦୨୩ ବ୍ୟାଚ୍ ଆଇଏଏସ୍ ଅଫିସର୍ ଶିବ ମାଲବ୍ୟଙ୍କୁ ଅବସ୍ଥାପିତ କରାଯାଇଛି ।

ବୈଠକ ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଗତକାଲି ବିଳମ୍ବିତ ରାତିରେ ବାତ୍ୟା 'ମୁରାସୁ' ଆନ୍ଧ୍ର ପ୍ରଦେଶରେ ପ୍ରବେଶ କରି ସାରିଛି । ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ବିଜୟୱାଡା ତଳକୁ ଅଛି ଏବଂ ଆଗକୁ ବଢୁଚିଛ ଏହା କ୍ରମଶଃ ଆଗକୁ ବଢି ତେଲେଙ୍ଗାନା ପଟକୁ ମୁହାଁଇବ । ଏହାର ପ୍ରଭାବରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ବିଶେଷ ଭାବରେ ପ୍ରଭାବିତ ହୋଇନାହିଁ । ରାଜ୍ୟ ସରକାର ସମ୍ପୂର୍ଣ୍ଣ ପରିସ୍ଥିତି ନିରୀକ୍ଷଣ କରୁଛନ୍ତି ଏବଂ ସମସ୍ତ ପ୍ରକାର ପରିସ୍ଥିତି ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତୁ । ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧,୫୨,୦୧୦ ଜନସାଧାରଣ ସ୍ଥାନାନ୍ତରିତ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ୬୨୦,ମାଲକାନଗିରି ଜିଲ୍ଲାରେ ୫୦୭୩, କୋରାପୁଟ ଜିଲ୍ଲାରେ ୧୧୦୧, କନ୍ଧମାଳ ଜିଲ୍ଲାରେ ୬୨୬୯, ରାୟଗଡ଼ା ଜିଲ୍ଲାରେ ୭୩୬ ଏହିପରି ଭାବେ ସର୍ବମୋଟ୍ ପ୍ରାୟ ୧,୬୫,୮୦୯ ଜଣ ସ୍ଥାନାନ୍ତରିତ ହୋଇଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ପେଶାଲ୍ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ୍, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ ଏବଂ ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ଭୁବନେଶ୍ୱରରେ...

ତାଙ୍କ ମର ଶରୀରକୁ ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ରେ ରଖାଯାଇଛି। ସେଠାରେ ଆସନ୍ତାକାଲି ଯାଏ ତାଙ୍କର ଶେଷ ଦର୍ଶନ ହେବ। ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ମର ଶରୀରକୁ ଶେଷ ଦର୍ଶନ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏମ୍ସ ଓ ସୋଆର ବହୁ ଡାକ୍ତର ମଧ୍ୟ ତାଙ୍କର ଶେଷ ଦର୍ଶନ କରିଛନ୍ତି। ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅର୍ନର ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଗତକାଲି ଦିଲ୍ଲୀ ଏମ୍ସରେ ୭୪ ବର୍ଷ ବୟସରେ ସ୍ୱର୍ଗତ ଡା. ମହାପାତ୍ରଙ୍କର ପରଲୋକ ହୋଇଥିଲା। ସେ ମସ୍ତିଷ୍କ କର୍କଟ ରୋଗରେ ପାଡ଼ିତ ହୋଇ ସେଠାରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ସ୍ୱାସ୍ଥ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ସ୍ୱର୍ଗତ ମହାପାତ୍ରଙ୍କର ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିଲା।

ଅନିର୍ଦ୍ଦିଷ୍ଟକାଳ...

ଆନ୍ଦୋଳନ ପାଇଁ ଆହ୍ୱାନ ଦେଉଛନ୍ତି, ସେମାନେ ଏହାର ପରିଣାମ ପାଇଁ ଦାୟୀ ରହିବା ଉଚିତ। ଜୁଲାଇ ୨୦ରେ ଆୟୋଜିତ ଆନ୍ଦୋଳନକୁ ମାତ୍ର ଗୋଟିଏ ଦିନ ପାଇଁ ଅନୁମତି ମିଳିଥିଲା। ତଥାପି ଆନ୍ଦୋଳନକାରୀମାନେ ସ୍ଥାନ ଦଖଲ କରିବା ସହ ସଂସଦ ଆଡ଼କୁ ମାର୍ଚ୍ଚ କରିଥିଲେ। ସଂସଦ ଓ ସୁପ୍ରିମକୋର୍ଟ ଆଡ଼କୁ ଏପରି ମାର୍ଚ୍ଚ କରିବା ଉଚିତ ନୁହେଁ ବୋଲି ସେ କହିଥିଲେ। ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ୟବସାୟୀ ସଂଗଠନଗୁଡ଼ିକୁ ଆନ୍ଦୋଳନ ଆୟୋଜନ କରିଥିବା ବିରୋଧୀ ଦଳଗୁଡ଼ିକୁ ମାମଲାରେ ପକ୍ଷଭୁକ୍ତ କରିବାକୁ କହିଛନ୍ତି। ଆନ୍ଦୋଳନ ଯୋଗୁଁ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ଉପରେ ଏହି ନିର୍ଦ୍ଦେଶ ଦିଆଯାଇଛି। ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ, ଆନ୍ଦୋଳନ ସ୍ଥଳ ନିକଟରେ ପ୍ରାୟ ୫୦ ଲକ୍ଷ ଲୋକ ବସବାସ କରୁଥିବା ବେଳେ ଦୋକାନଗୁଡ଼ିକ ବନ୍ଦ ରହିଥିଲା ଏବଂ କନଟ୍ ପ୍ଲେସ୍ ଅଞ୍ଚଳ ଜନଶୂନ୍ୟ ହୋଇପଡ଼ିଥିଲା।

AFFIDAVIT

By virtue of an affidavit bearing No. 2618 Dated. 03.11.2026 on Executive Magistrate Bhuban. I Krushna Dhir W/o Late Manoja Kumar Dhir of Vill. Matha Khokasa, P.O. Odisha, P.S : Bhuban, Dist : Dhenkanal do here by delcare by above affidavit Krushna Dhir and Manasi Dhir are one and same person. I shall henceforth be known as Krushna Dhir for all purpose with L.I.C Policy bearing No. - Policy No 587136042.

AFFIDAVIT

By virtue of an affidavit sworn before (Executive Magistrate/ Notary Public), (BHADRAK) , dated 516 _27/02/2026 I, SK MOZIFUR RAHEMAN , Address AT-CHANDAN BAZAR PO/ DIST-BHADRAK -756100 ODISHA declare that I have changed the name of my son SK MUQTAB QUADRI to SK MAQTAB QUADRI . Henceforth, he shall be known as SK MAQTAB QUADRI for all purposes.

SK MOZIFUR RAHEMAN

AFFIDAVIT

BY THIS AFFIDAVIT NO=12125 DATED 29/10/2026 I ANOOP GUPTA S/O-HARI KISHAN GUPTA AT-KANTAPAL PO-CHARAMPA DIST-BHADRAK PIN-756101 MY ACTUL NAME IS ANOOP GUPTA AS PER MY ADHAR CARD PAN CARD BANK ACCOUNT BUT IN LIC POLICY NO-584174128 MY NAME WRONGLY MENTIONED AS JAY PRAKASH GUPTA INSTEAD OF ANNOP GUPTA BOTH NAME ARE SAME & ONE PERSON

OFFICE OF THE MUNICIPAL COUNCIL, JODA
Phone No:- 06767-272214 Fax No : 06767-272214
E-Mail:- eojodamunicipality@rediffmail.com
No. 3953 / Dt. 30.10.2026
13001/2351/2627
'e' - procurement Notice
Bid identification No. JM-02/ 2026-27
Bid documents consisting of specification, the schedule of quantities and the set of tenms and conditions of contract and other necessary documents can be seen in the Govt, website i.e www.tendersodisha.gov.in.

1.	Nature of Work	:	Civil Works.
2.	No. of Works	:	41 Nos.
3.	Estimated Cost	:	from Rs.3.39,004/- to Rs. 16.95.333/-
4.	Bid identification No.	:	2026_ORULB_144677_1 to 2026_ORULB_144677_41
5.	Date & time of availability of the Documents in the Portal	:	From dt.31.10.2026 at 10.00 P.M. Up to Dt. 12.11.2026 at 5.00 P.M.
6.	Last date/time for receipt of Bids in the Portal	:	On dt. 12.11.2026 up to 5.00 P.M.
7.	Bids received on line shall be opened	:	On Dt. 13.11.2026 at 11.00AM.
8.	Name and address of the Officer Inviting Bid.	:	Executive Officer, Joda Municipality

Further, the details can be seen from the e-Procurement Portal : www.tendersodisha.gov.in.
Sd/- Executive Officer
Joda Municipality
OIPR : 13001/13124/1/26-27/0002

OFFICE OF THE EXECUTIVE ENGINEER, L.I. DIVISION, NAYAGADA
32001/207/2627 E-mail - eeolicnavagarh@gmail.com
e-Tender Notice
Bid Identification No.02/26-27 OLIC (Nayagada) / Dt. 26.10.2026
The Executive Engineer, Lift Irrigation Division, Nayagada on behalf of Managing Director, Odisha Lift Irrigation Corporation Limited, Bhubaneswar invites Percentage Rate bids In double cover system in online mode on"Turnkey Basis" from reputed firms/Contractors having H.T Electrical License issued by ELB0 & Civil License of appropriate class having Joint Venture with the state PWD/Irrigation/PHED relevant license as mentioned.

1.	Numbers of Packages	:	83 Nos.
2.	Estimated Cost	:	Approximately Cost of Packages varies from Rs. 18.40 lakh to Rs. 62.70 lakh
3.	Tender Paper Cost	:	As per DTCN.
4.	Date & time of availability of bid in portal	:	Dt. 06.11.2026 from 10.00 hours to Dt. 26.11.2026 up

୧୦ 30th ANNIVERSARY
ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ବୁଧବାର, ୦୪ ନଭେମ୍ବର ୨୦୨୬
ତ୍ରିଂଶତମ ବିଶେଷାଙ୍କ

ଜାତୀୟ ଜଳପଥ-୫ର ବିକାଶ ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, (ସବୁ୍ୟ): ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫)ର ବିକାଶ ସମ୍ପର୍କରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସଚିବ ବିଜୟ କୁମାର ଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରତିନିଧି ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ପ୍ରାୟ ୫୮୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ପ୍ରସ୍ତାବିତ ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫)ର ବିକାଶ ସମ୍ପର୍କରେ ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି ଓ ସରକାରୀ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା ଓ ମତ ବିନିମୟ କରାଯାଇଥିଲା । ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫) ର ବିକାଶ ଓଡ଼ିଶାର ଖଣିଜ ଓ ଶିଳ୍ପ ସମୃଦ୍ଧ ଅଞ୍ଚଳରେ ଆଭ୍ୟନ୍ତରୀଣ ଜଳପଥ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବନ୍ଦରଭିତ୍ତିକ ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବର୍ତ୍ତମାନ ଏହି ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟାରେ ରହିଛି ।



ଏହି ବୈଠକରେ ଜାତୀୟ ଜଳପଥ-୫ର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ କରୁଥିବା ବିଭିନ୍ନ ବିଚାରାଧୀନ ପ୍ରସଙ୍ଗର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହା ବ୍ୟତୀତ ଜଳପଥରେ ସର୍ବନିମ୍ନ ଆବଶ୍ୟକ ନୌଚଳାଚଳ ଗଭୀରତା ବଜାୟ ରଖିବା ପାଇଁ ଜଳ ନିଷ୍କାସନ, ଖଲପାଲ ନାଭିଗେସନାଲ୍ ଲକ୍ ର ବିକାଶ, ଆବଶ୍ୟକ ଆଇନଗତ ଅନୁମତି, ସେତୁ ନିର୍ମାଣ ଓ ଅପସାରଣ, ସଡ଼କ ସଂଯୋଗୀକରଣ ସୁବିଧା ଏବଂ ଉଚ୍ଚ ଓ ନିମ୍ନ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ସ୍ଥାନାନ୍ତରଣ ଭଳି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏଥିସହିତ ବାହୁଦା ମୁହାଣ ବନ୍ଦର, କେନ୍ଦ୍ରାପଡ଼ା ଜିଲ୍ଲାରେ ଜାହାଜ ନିର୍ମାଣ କ୍ଲଷ୍ଟର ଏବଂ ପୁରୀଠାରେ କ୍ରୁଜ୍ ଟର୍ମିନାଲ୍ ଭଳି ଆଗାମୀ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ବିକାଶ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫) ର ଓଡ଼ିଶା ଅଂଶ ସମେତ ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକର ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗର ବୈଷୟିକ ନିର୍ଦ୍ଦେଶକ ଭାବେ ଯୋଗଦେଲେ ସ୍ମିତା କର

ଭୁବନେଶ୍ୱର(ସବୁ୍ୟ): ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଭାବେ ସ୍ମିତା କର ଯୋଗ ଦେଇଛନ୍ତି । ଶ୍ରୀମତୀ କର ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ । ପଦୋନ୍ନତି ପାଇବା ପରେ ସେ ଏହି ଦାୟିତ୍ୱ ନିର୍ବାହ କରିବେ । ସେହିପରି ଯୁଗ୍ମ ନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପଦୋନ୍ନତି ପାଇ ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଉଭୟ ଅଧିକାରୀଙ୍କୁ ଭେଟି ସୂଚନା ସେବା ସଂଘର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ବିଭାଗର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦୃଢ଼ ପ୍ରୟାସ କରିବେ ବୋଲି ଶ୍ରୀମତୀ କର ଓ ଶ୍ରୀମତୀ ମହାପାତ୍ର କହିଛନ୍ତି ।

ଧର୍ମା ସୁଦର୍ଶନ ଆପାର୍ଟମେଣ୍ଟର ଏମ୍‌ଡିଙ୍କ ବିରୋଧରେ ଠକେଇ ଅଭିଯୋଗରେ ମାମଲା

ପୁରୀ, (ସବୁ୍ୟ): ପୁରୀ ସହରର ମଙ୍ଗଳାଘାଟ ରୋଡ୍‌ସ୍ଥିତ ଧର୍ମା ସୁଦର୍ଶନ ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟକୁ ନେଇ ଜଣେ ଶ୍ରମ ଠିକାଦାରଙ୍କ ପକ୍ଷରୁ ବାସେଳୀ ସାହି ଥାନାରେ ଠକେଇ ଓ ମାରଧର କରିବା ନେଇ ମ୍ୟାନେଜିଂ ଡାଇରେକ୍ଟର (ଏମ୍‌ଡି) ଜଗତ କର ଓ ସୁପରଭାଇଜରଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି । ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ ଚିଙ୍ଗୁଡିଆ ଗ୍ରାମର ନିରଞ୍ଜନ ମହାପାତ୍ରଙ୍କ ନାମକ ଜଣେ ଶ୍ରମ ଠିକାଦାରଙ୍କ ଅଭିଯୋଗ ଆଧାରରେ ବାସେଳୀ ସାହି ଥାନା ପୁଲିସ କେସ୍ ନଂ ୩୮୬/୨୪ କ୍ରମେ ବିଏନଏସ ଆକ୍ଟର ଦଫା ୨୯୬, ୩(୫), ୩୧୪, ,୩୧୮, ୩୫୧ ଆଦି ବିଭିନ୍ନ ସଙ୍ଗିନ ଧାରାରେ ମାମଲା ରୁଜୁ କରିଛି । ଆପାର୍ଟମେଣ୍ଟ

ନିର୍ମାଣ କାର୍ଯ୍ୟ ପାଇଁ ଜନେ ଶ୍ରମ ଠିକାଦାର ଠାରୁ ପ୍ରାୟ ୧୫ ଲକ୍ଷ ଟଙ୍କାର ବାଉଁଶ ଓ ପ୍ଲାଏଉଡ୍ କାଠପଟା ଆଦି ସାମଗ୍ରୀ ଯୋଗାଇଥିବା ବେଳେ ତାଙ୍କର ପ୍ରାୟ ୫ ଲକ୍ଷ ଟଙ୍କା ବକେୟା ରହିଥିବା ଏବଂ ଯୋଗାଣ ସାମଗ୍ରୀ ଫେରସ୍ତ କରାଯାଉନଥିବା ଏତଲାରେ ଉଲ୍ଲେଖ ହୋଇଛି ।

ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ ଛିଙ୍ଗୁଡ଼ିଆ ଗ୍ରାମର ଗଜେନ୍ଦ୍ର ମହାପାତ୍ରଙ୍କ ପୁଅ ନିରଞ୍ଜନ ମହାପାତ୍ର (୪୫) ଏ ନେଇ ଗତ ୨ ନଭେମ୍ବର ୨୦୨୬ ତାରିଖ ସନ୍ଧ୍ୟା ୭ଟାରେ ବସେଳୀସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଧର୍ମା ସୁଦର୍ଶନ ଆପାର୍ଟମେଣ୍ଟର ମ୍ୟାନେଜିଂ ଡାଇରେକ୍ଟର ଜଗତ କୁମାର କରଙ୍କ ନିର୍ଦ୍ଦେଶରେ ଅଭିଯୋଗକାରୀ ନିର୍ମାଣ କାର୍ଯ୍ୟ ପାଇଁ ବାଉଁଶ ଓ ପ୍ଲାଏଉଡ୍ କାଠପଟା ସମେତ ବିଭିନ୍ନ ସାମଗ୍ରୀ ଯୋଗାଇଥିଲେ । ଏହାର ମୋଟ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ । ଏଥି ସହ ହେଡ୍ ରୁମ୍, ପାରାପେଟ୍ ଓ ପାଣି ଟାଙ୍କି ନିର୍ମାଣ ପାଇଁ ଅତିରିକ୍ତ କାର୍ଯ୍ୟ କରିଥିଲେ ମଧ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ପାରିଶ୍ରମିକ ଓ ବକେୟା ଅର୍ଥ ପ୍ରଦାନ କରାଯାଇନଥିବା ସେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟର ତଦାରଖ କରୁଥିବା ସୁପରଭାଇଜର ମାନସ ରଞ୍ଜନ ମହାନ୍ତି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ମଧ୍ୟ ରହିଛି । ଅନ୍ୟପକ୍ଷରେ, ଗତ ପ୍ରାୟ ଛଅ ମାସ ଧରି ନିର୍ମାଣ ସ୍ଥଳରେ ତାଙ୍କ ଯୋଗାଣ ସାମଗ୍ରୀ ପଡ଼ିରହିଥିବା ଏବଂ କିଛି ସାମଗ୍ରୀ ରୋଷେଇ କାର୍ଯ୍ୟରେ ବ୍ୟବହାର ହେଉଥିବା ସେ ଅଭିଯୋଗ କରିଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ ବକେୟା ଅର୍ଥ ପ୍ରଦାନ କିମ୍ବା ଅବଶିଷ୍ଟ ସାମଗ୍ରୀ ଫେରସ୍ତ କରାଯାଇନଥିବାରୁ ସେ ଆର୍ଥିକ କ୍ଷତିର ଆଶଙ୍କା ପ୍ରକାଶ କରିଛନ୍ତି । ଏହି ଅଭିଯୋଗ ଆଧାରରେ ବସେଳୀସାହି ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ଏସ୍‌ଆଇ ସିରାଜ କୁମାର ନାୟକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଏଫ୍‌ଆଇଆରରେ ଉଲ୍ଲେଖ ରହିଛି । ତେବେ ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ ।

ପଦ୍ମଶ୍ରୀ ଡଃ ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର(ସବୁ୍ୟ): ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ପଦ୍ମଶ୍ରୀ ଡାକ୍ତର



ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଆତ୍ମାଙ୍କ ଅମରତ୍ୱ କାମନା କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ଶୋଭାରେ ଆତ୍ମାଙ୍କ ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରିବାରର ବରିଷ୍ଠ କର୍ମକର୍ତ୍ତା ତଥା ପରିଚାଳନା ନିର୍ଦ୍ଦେଶକ ତଥା ଶିକ୍ଷାବିତ ଭବାନୀ ପ୍ରସାଦ ମିଶ୍ର , ଭାରତୀୟ ମଜଦୁର ସଂଘର ପ୍ରାକ୍ତନ ସାଂଗଠନିକ ସମ୍ପାଦକ କୃଷ୍ଣ ଚନ୍ଦ୍ର ମିଶ୍ର , ଆଧାତ୍ମିକ ପ୍ରବକ୍ତା କୁଳମଣି ରାଉତ , ପ୍ରଜ୍ଞାନ ପତ୍ରିକାର ସମ୍ପାଦକ ଆଶୁ କବି ହେମନ୍ତ ଜେନା, ଡାକ୍ତର ପ୍ରତାପ କୁମାର ପାଣି, ବରିଷ୍ଠ ସାମ୍ବାଦିକ ହରପ୍ରସାଦ ଦାସ, ବରିଷ୍ଠ କବି ମନୋରଞ୍ଜନ ଷଡ଼ଙ୍ଗୀ, ସାମ୍ବାଦିକ ସୁରେଶ କୁମାର ସାହୁ ଏବଂ ସୁବ୍ରତ କୁମାର ନାୟକ ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ସମର୍ପିତ ସେବା ଜୀବନ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଶ୍ରଦ୍ଧା ନିବେଦନ କରିଥିଲେ । ତାଙ୍କ ଅପ୍ରତ୍ୟାଶିତ ବିୟୋଗରେ ଦେଶରେ ଯେଉଁ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି ତାହା କେବେ ବି ପୂରଣ ହୋଇ ପାରିବ ନାହିଁ ବୋଲି ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରକାଶ ପାଇଛି ।

ଭଜନ ସମ୍ରାଟଙ୍କ ସଂଗୀତରେ ମନ ମୋହିଲେ ନୃତ୍ୟ ଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀ

ଭୁବନେଶ୍ୱର (ସବୁ୍ୟ): ଭଜନ ସମ୍ରାଟ,ଯଶସ୍ୱୀ ସଂଗୀତସାଧକ, ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ତଥା ଚାମର ସେବକ ଶ୍ରୀ ଭିକାରୀ ବଳଙ୍କ ଷୋଡଶ ପୁଣ୍ୟତିଥି " ଭିକାରୀ ବଳ ସ୍ମୃତି ସଂସଦ " ତରଫରୁ କଟକ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ମହାସମାବେଶରେ ଅନୁଷ୍ଠିତ ହୋଇଛି । ଅନ୍ତର୍ଜାତୀୟ ସୁଖ୍ୟାତି ସମ୍ପନ୍ନ ବିଶିଷ୍ଟ ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ପ୍ରାଧାପକ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀ ସ୍ୱର୍ଗତ ଭିକାରୀ ବଳଙ୍କ ଭାବମୟ ସୁଲଳିତ କଣ୍ଠ ସଂଗୀତରେ ଅତ୍ୟନ୍ତ ଆଧାତ୍ମିକ ଚେତନାର ଓଡିଶୀନୃତ୍ୟ ପରିବେଷଣ କରି ଭରପୁର ସଭାଗୃହକୁ କିଛି ସମୟ ପାଇଁ ମନ୍ତ୍ରମୁଗ୍ଧ କରିଦେଇଛନ୍ତି । ମୁଖ୍ୟ ଅତିଥି ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, କଟକ ମେୟର ଶ୍ରୀଯୁକ୍ତ ସୁବାସ ସିଂହ, ବିଶିଷ୍ଟ ସାହିତ୍ୟିକ ଡ଼କ୍ଟର ବିଜୟାନନ୍ଦ ସିଂହ, ଡ଼କ୍ଟର ବୈଜୟନ୍ତୀ ମିଶ୍ର, ସଭାପତି ଗୌର ପଟ୍ଟନାୟକ, ସମ୍ପାଦକ ଡ଼କ୍ଟର ସୁନାମଣୀ ରାଉତ ସଭାମଣ୍ଡନ କରି



ଭିକାରୀ ବଳଙ୍କ ସଂଗୀତ ଜୀବନ ଆଲୋଚନା ସହ ନୃତ୍ୟଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନଙ୍କୁ ଭୁୟସୀ ପ୍ରଶଂସା କରି ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି ।

ବାଲିଯାତ୍ରା ପ୍ଲଟ୍ ନିଲାମ ପ୍ରକ୍ରିୟା: ବର୍ଗଫୁଟ ପିଛା ୧୩୦୦ ଟଙ୍କା ଛୁଇଁଲା ଦର

କଟକ,(ସବୁ୍ୟ): ଐତିହାସିକ କଟକ ବାଲିଯାତ୍ରାକୁ ନେଇ ଏବେଠାରୁ ଜମିଲାଣି ଉତ୍ସାହ । ପ୍ଲଟ୍ ପଞ୍ଜିକରଣ ପ୍ରକ୍ରିୟା ଶେଷ ହେବା ପରେ ନଭେମ୍ବର ୨ ତାରିଖରୁ ଆରମ୍ଭ ହୋଇଛି ପ୍ଲଟ୍ ନିଲାମି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ନିଲାମି ପ୍ରକ୍ରିୟା ଚାଲିବ । ବିଭିନ୍ନ ପ୍ଲଟ୍ ପାଇଁ ଏକାଧିକ ଆବେଦନ ହୋଇଥିବାରୁ ନିଲାମି ପ୍ରକ୍ରିୟାରେ ଜୋରଦାର ପ୍ରତିଯୋଗିତା ଦେଖିବାକୁ ମିଳୁଛି । ଆଜି ସୁଦ୍ଧା ୫୩୬ ଟି ପ୍ଲଟର ନିଲାମି ଶେଷ ହୋଇଥିବାବେଳେ ସର୍ବାଧିକ ବର୍ଗଫୁଟ ପିଛା ୧୩୦୦ ଟଙ୍କାରେ ପ୍ଲଟ୍ ନିଲାମ ହୋଇଥିବା ଜଣାପଡ଼ିଛି । ନିଲାମି ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରାୟ ୭ଟି ଟିମ୍ ଗଠନ କରାଯାଇଛି । ବିଭିନ୍ନ ବ୍ଲକ୍ ପାଇଁ ଅଲଗା ଅଲଗା ସ୍ଥାନରେ ନିଲାମି ବ୍ୟବସ୍ଥା କରାଯାଇଛି । ଜଣେ ଆବେଦନକାରୀ ସର୍ବାଧିକ ୩ଟି ପ୍ଲଟ୍ ପାଇଁ ଅନଲାଇନ୍‌ରେ ଆବେଦନ କରିବାର ବ୍ୟବସ୍ଥା ରହିଥିଲା । ପ୍ରତିଦିନ ସକାଳ ୧୦ଟାରୁ ନିଲାମି ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁଛି । ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ବିରତି ରଖାଯାଇଛି । ଅନ୍ୟପକ୍ଷରେ, ନିଲାମିରେ ଭାଗ ନେବା ପାଇଁ ପଞ୍ଜିକରଣ କରିଥିବା ଆବେଦନକାରୀ ଯଦି ନିଲାମିରେ ଅଂଶଗ୍ରହଣ ନକରନ୍ତି, ତେବେ ସେମାନେ ଦାଖଲ କରିଥିବା ଫି' ଫେରସ୍ତ ପାଇବେ ନାହିଁ ବୋଲି ସୂଚନା ମିଳିଛି । ଚଳିତ ବର୍ଷ ପ୍ଲଟ୍ ପଞ୍ଜିକରଣ ପାଇଁ ବେସ୍ ପ୍ରାଇସ୍ ବର୍ଗଫୁଟ ପିଛା ୬୦ରୁ ୬୫ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଥିଲା । ମାତ୍ର ନିଲାମିରେ ପ୍ରତିଯୋଗିତା ବଢ଼ିବା ସହ ଦର ୧୩୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି । ଚଳିତ ବର୍ଷ ବାଲିଯାତ୍ରା ପ୍ଲଟ୍ ନିଲାମି ପ୍ରକ୍ରିୟାକୁ ସୁରୁଖୁରୁରେ ଓ ସ୍ୱଚ୍ଛତାର ସହ ସମ୍ପନ୍ନ କରିବା ପାଇଁ ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ କମଳଲୋଚନ ଦାସ ସୂଚନା ଦେଇଛନ୍ତି ।

ମୂଳ ହାଇକୋର୍ଟରୁ ଅବସରକାଳୀନ ସୁବିଧା ପାଇବାକୁ ହକ୍‌ଦାର ବିଚାରପତି

ଗୃହ ବିଭାଗ ଆଦେଶ ରଦ୍ଦ କଲେ ହାଇକୋର୍ଟ

କଟକ, (ସବୁ୍ୟ): ଗୋଟିଏ ହାଇକୋର୍ଟରୁ ଅନ୍ୟ ହାଇକୋର୍ଟକୁ ବଦଳି ହୋଇ ସେଠାରୁ ଅବସର ନେଇଥିଲେ ମଧ୍ୟ ବିଚାରପତି ନିଜ ମୂଳ ହାଇକୋର୍ଟ ଥିବା ରାଜ୍ୟରୁ ଅବସରକାଳୀନ ସୁବିଧା ପାଇବାକୁ ହକ୍‌ଦାର। ତେବେ ଅନ୍ୟ କୌଣସି ହାଇକୋର୍ଟରୁ ସମାନ ସୁବିଧା ନେଉନଥିବା ସର୍ତ୍ତ ପୂରଣ ହେବା ଆବଶ୍ୟକ। ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଓଡ଼ିଶା ହାଇକୋର୍ଟ ଏହା ସ୍ପଷ୍ଟ କରିଛନ୍ତି। ଓଡ଼ିଶା ହାଇକୋର୍ଟରୁ କୋଲକାତା ହାଇକୋର୍ଟକୁ ବଦଳି ହୋଇ ସେଠାରୁ ଅବସର ନେଇଥିବା ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତିଙ୍କୁ ମିଳୁଥିବା ସୁବିଧା କୌଣସି ଅନୁଗ୍ରହ ନୁହେଁ, ବରଂ ଦୀର୍ଘବର୍ଷର ନ୍ୟାୟିକ ସେବା ପରେ ସମ୍ମାନଜନକ ଅବସର ଜୀବନ ପାଇଁ ଏହା ଆବଶ୍ୟକ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ଜଷ୍ଟିସ୍ ଦାଶ ୨୦୦୯ ଅକ୍ଟୋବର ୭ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୨୨ରେ ତାଙ୍କୁ କୋଲକାତା ହାଇକୋର୍ଟକୁ ବଦଳି କରାଯାଇଥିଲା। ସେଠାରୁ ୨୦୨୪ ମେ ୨୦ରେ ସେ ଅବସର ଗ୍ରହଣ କରିଥିଲେ। ଅବସର ପୂର୍ବରୁ ସେ ଓଡ଼ିଶାରୁ ଚିକିତ୍ସା ସୁବିଧା ସହ ଘରୋଇ ସହାୟକ, ଡ୍ରାଇଭର, ସୁରକ୍ଷା ଓ ଟେଲିଫୋନ୍ ଭତ୍ତା ଆଦି ପାଇଁ ଆବେଦନ କରିଥିଲେ। ମାତ୍ର ରାଜ୍ୟ ଗୃହ ବିଭାଗ ୨୦୨୫ ଜୁଲାଇ ୩୧ର ଆଦେଶରେ କେବଳ ଚିକିତ୍ସା ସୁବିଧା ମଞ୍ଜୁର କରି ଅନ୍ୟ ସୁବିଧାଗୁଡ଼ିକୁ ଅଗ୍ରାହ୍ୟ କରିଥିଲା। ଏହାକୁ ଚ୍ୟାଲେଞ୍ଜ କରି ଜଷ୍ଟିସ୍ ଦାଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ ଯେ, ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶାବଳୀ ଅନୁସାରେ ଜଣେ ବିଚାରପତି ପ୍ରଥମେ ନିଯୁକ୍ତି ପାଇଥିବା ରାଜ୍ୟ କିମ୍ବା ଅବସର ନେଇଥିବା ରାଜ୍ୟ ମଧ୍ୟରୁ ଯେକୌଣସି ଗୋଟିଏକୁ ଅବସରକାଳୀନ ସୁବିଧା ପାଇଁ ଚୟନ କରିପାରିବେ। ଗୋଟିଏ ହାଇକୋର୍ଟରୁ ଅନ୍ୟ ହାଇକୋର୍ଟକୁ ବଦଳି ହେବା ନ୍ୟାୟିକ ସେବାର ଏକ ଅଂଶବିଶେଷ। ଏହାଦ୍ୱାରା ମୂଳ ହାଇକୋର୍ଟ ପ୍ରତି ତାଙ୍କର ଦୀର୍ଘବର୍ଷର ସେବା ଓ ସମ୍ପର୍କ ଶେଷ ହୋଇଯାଏ ନାହିଁ। ସରକାରୀ ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ଜଣେ ବିଚାରପତି ଯେପରି ଏକାଧିକ ରାଜ୍ୟରୁ ସମାନ ସୁବିଧା ନ ନିଅନ୍ତି। ଆବେଦନକାରୀ କୋଲକାତା ହାଇକୋର୍ଟରୁ ଏହି ସୁବିଧା ନେଉନଥିଲେ ଓଡ଼ିଶାରୁ ତାଙ୍କୁ ଏହା ପ୍ରଦାନ କରିବାରେ କୌଣସି ଆଇନଗତ ବାଧା ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଏଥିସହ ଗୃହ ବିଭାଗର ୨୦୨୫ ଜୁଲାଇ ୩୧ର ଆଦେଶକୁ ରଦ୍ଦ କରିବା ସହ ଆବେଦନକାରୀ ଅନ୍ୟ କୌଣସି ହାଇକୋର୍ଟରୁ ସମାନ ସୁବିଧା ନେଉନଥିବା ଯାଞ୍ଚ କରି ରାୟ ପ୍ରକାଶ ପାଇବାର ୮ ସପ୍ତାହ ମଧ୍ୟରେ ସମସ୍ତ ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ବରିଷ୍ଠ ନାଗରିକ ରବିନ୍ଦ୍ର ଚନ୍ଦ୍ରାଙ୍କ ବିୟୋଗରେ ଶୋକସଭା



କଟକ, (ସ୍ୱପ୍ର) : ସ୍ଥାନୀୟ ୩୪ନଂ ୱାର୍ଡ ଅନ୍ତର୍ଗତ ବାସେଳୀସାହିର ବରିଷ୍ଠ ନାଗରିକ ସ୍ୱର୍ଗତଃ ରବିନ୍ଦ୍ର ଚନ୍ଦ୍ରାଙ୍କ ଅକାଳ ବିୟୋ

ଇରାନର କେଶମ୍ ଦ୍ୱୀପରେ ଆମେରିକାର ଆକ୍ରମଣ

ଯୁଦ୍ଧ ନକରିବାର ପ୍ରତିଶ୍ରୁତି ଖିଲାପ କଲେ ଟ୍ରମ୍ପ

ୱାଶିଂଟନ: ଇରାନ ସହ ପୁଣି ଯୁଦ୍ଧ ଆରମ୍ଭ କରିବାକୁ ଆମେରିକା ଚାହୁନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବାର କିଛି ସମୟ ମଧ୍ୟରେ ଇରାନର କେଶମ୍ ଦ୍ୱୀପ ଉପରେ ଆମେରିକା ଆକ୍ରମଣ କରିଥିବା ଖବର ପ୍ରକାଶ ପାଇଛି। ସୋମବାର ଏହି ଆକ୍ରମଣ ହୋଇଥିବା ନେଇ ଆମେରିକୀୟ ଅଧିକାରୀଙ୍କ ସୂଚନା ଆଧାରରେ 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍' ରିପୋର୍ଟ କରିଛି। ଆମେରିକାର ଅଧିକାରୀମାନେ ଏହାକୁ ଯୁଦ୍ଧ ଆରମ୍ଭ କରିବା ପାଇଁ ନୁହେଁ, ବରଂ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟି ଓ ସମ୍ପତ୍ତିର ସୁରକ୍ଷା ପାଇଁ କରାଯାଇଥିବା ପ୍ରତିରକ୍ଷାମୂଳକ କାର୍ଯ୍ୟ ବୋଲି କହିଛନ୍ତି। ତେବେ ଟ୍ରମ୍ପଙ୍କ ଯୁଦ୍ଧ ନକରିବା ଘୋଷଣା ଓ ଆକ୍ରମଣ ଖବର ମଧ୍ୟରେ ଥିବା ବିରୋଧାଭାସ ଏବେ ଚର୍ଚ୍ଚାର ବିଷୟ ହୋଇଛି।ଇରାନର ସରକାରୀ ସମ୍ବାଦ ସଂସ୍ଥା 'ଇର୍ନା'



ଅନୁଯାୟୀ, କେଶମ୍ ଦ୍ୱୀପରେ ଏକାଧିକ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା। କିନ୍ତୁ ଏହି ବିସ୍ଫୋରଣ ଆମେରିକାର ଆକ୍ରମଣ ଯୋଗୁଁ ହୋଇଥିଲା କି ନାହିଁ, ତାହା ଇରାନ ସରକାର ସ୍ପଷ୍ଟ କରିନାହାନ୍ତି। ଆକ୍ରମଣରେ କେଉଁ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି, କେତେ ଲୋକ ମୃତାହତ ହୋଇଛନ୍ତି କିମ୍ବା କେତେ କ୍ଷୟକ୍ଷତି ହୋଇଛି, ସେ ସମ୍ପର୍କରେ ମଧ୍ୟ ସଶେଷ ତଥ୍ୟ ମିଳିନାହିଁ। କେଶମ୍ ହେଉଛି ଇରାନର ଦକ୍ଷିଣ ଉପକୂଳରେ ଥିବା ଏକ ବଡ଼ ଦ୍ୱୀପ। ଏହା ହର୍ମୁଜ୍ ପ୍ରଣାଳୀର ପ୍ରବେଶପଥ ନିକଟରେ ଅବସ୍ଥିତ। ବିଶ୍ୱର ତୈଳ ପରିବହନର ଏକ ପ୍ରମୁଖ ସମୁଦ୍ରପଥ ହେଉଛି ହର୍ମୁଜ୍ ପ୍ରଣାଳୀ। ଏହି ଦ୍ୱୀପରେ ଇରାନର ଭୂତଳ କ୍ଷେପଣାସ୍ତ୍ର ଘାଟି, ନୌସେନା ଘାଟି ଓ ସମୁଦ୍ର ଜଳକୁ ପାନୀୟ ଜଳରେ ପରିଣତ କରୁଥିବା କେନ୍ଦ୍ର ରହିଛି। ତେଣୁ ସାମରିକ ଓ ରଣନୈତିକ ଦୃଷ୍ଟିରୁ ଏହି ଦ୍ୱୀପର ଗୁରୁତ୍ୱ ଅଧିକ। ଆମେରିକୀୟ ଅଧିକାରୀଙ୍କ କହିବା ଅନୁଯାୟୀ, ଇରାନର ଭୂମିରୁ ଆକାଶକୁ ମାଡ଼ କରୁଥିବା କ୍ଷେପଣାସ୍ତ୍ର ଯୋଗୁଁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟି ବିପଦରେ ପଡ଼ିଥିଲା। ଏହି ବିପଦ ଦୂର କରିବା ପାଇଁ ଆକ୍ରମଣ କରାଯାଇଥିଲା। ଇରାନ ପକ୍ଷରୁ ଆମେରିକୀୟ ବିମାନ ଉପରେ ଆକ୍ରମଣ ହେବା ପରେ ଆମେରିକା ଏହାର ଜବାବ ଦେଇଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ତେବେ ଏହି ଘଟଣା ସମ୍ପର୍କରେ ଇରାନର ପ୍ରତିକ୍ରିୟା ମିଳିନାହିଁ। ଆମେରିକାର କେନ୍ଦ୍ରୀୟ ସାମରିକ କମାଣ୍ଡ ମଧ୍ୟ ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ।ଚଳିତ ବର୍ଷ ଫେବ୍ରୁଆରିରୁ ଆମେରିକା ଓ ଇରାନ ମଧ୍ୟରେ ସଂଘର୍ଷ ଲାଗି ରହିଛି। ଆମେରିକା ଓ ଇସ୍ରାଏଲ୍ର ଆକ୍ରମଣ ପରେ ଇରାନ ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଓ ସଂସ୍ଥାକୁ ଟାର୍ଗେଟ୍ କରିଥିଲା। ଏହାର ପ୍ରଭାବରେ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଅଷ୍ଟମ ବେତନ କମିସନକୁ ବର୍ଷେ ପୂରିଲା

ନୂଆଦିଲ୍ଲୀ: କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍ସନ୍ଭୋଗୀଙ୍କ ପାଇଁ ଅଷ୍ଟମ ବେତନ କମିସନ ଗଠନକୁ ଆଜି ୧ ବର୍ଷ ପୂରଣ ହୋଇଛି। ୨୦୨୫ ନଭେମ୍ବର ୩ରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିସନ ଗଠନ ହୋଇଥିଲା। ଏଥିରେ ପ୍ରଫେସର ପୁଲକ ଘୋଷ ପାର୍ଟଟାଇମ୍ ସଦସ୍ୟ ଏବଂ ପଙ୍କଜ ଜୈନ ସଦସ୍ୟ-ସଚିବ ଅଛନ୍ତି। କମିସନକୁ ସୁପାରିସ ଦାଖଲ କରିବା ପାଇଁ ୧୮ ମାସ ସମୟ ଦିଆଯାଇଛି। ୨୦୨୬ ମେ ୩ ସୁଦ୍ଧା କମିସନ ରିପୋର୍ଟ ଦାଖଲ କରିବା ସମ୍ଭାବନା ରହିଛି। କମିସନ ଗଠନ ପରେ କେତେଗୁଡ଼ିଏ ଅଗ୍ରଗତି ହୋଇଛି। ୨୦୨୬ ଫେବ୍ରୁଆରି ୫ରେ କମିସନ ୧୮ଟି ପ୍ରଶ୍ନ ସମ୍ବଳିତ ପ୍ରଶ୍ନାବଳୀ ଜାରି କରିଥିଲା। ଏଥିରେ କର୍ମଚାରୀ, ପେନ୍ସନ୍ଭୋଗୀ, ବିଭିନ୍ନ ସଂଘ ଓ ସଂଗଠନଠାରୁ ଦରମା, ପେନ୍ସନ୍ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ମତାମତ ଲୋଡ଼ାଯାଇଥିଲା। ମାର୍ଚ୍ଚ ୩୧ ଥିଲା ମତାମତ ଦାଖଲର ଶେଷ ତାରିଖ ରଖାଯାଇଥିଲା। ମାର୍ଚ୍ଚ ୫ରୁ କମିସନ ସ୍ମାରକପତ୍ର ଗ୍ରହଣ ଆରମ୍ଭ କରିଥିଲା। କର୍ମଚାରୀ, ପେନ୍ସନ୍ଭୋଗୀ, ବିଭିନ୍ନ ସଂଘ ଓ ସଂଗଠନ ସେମାନଙ୍କ ଦାବି ଏବଂ ପ୍ରସ୍ତାବ ଦାଖଲ କରିଥିଲେ। ପ୍ରଥମେ ଏପ୍ରିଲ୍ ୩୦ ଶେଷ ତାରିଖ ରହିଥିବା ବେଳେ ଏହାକୁ ପର୍ଯ୍ୟାୟକ୍ରମେ ମେ ୩୧ ଓ ଜୁନ୍ ୧୫ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଚଳିତବର୍ଷ ଏପ୍ରିଲରୁ କମିସନ ବିଭିନ୍ନ ସହର ଗସ୍ତ କରି ଆଲୋଚନା ଆରମ୍ଭ କରିଥିଲେ। ଏପ୍ରିଲ୍ ୨୪ରେ ଡେରାଡୁନଠାରେ କମିସନର ପ୍ରଥମ ପରାମର୍ଶ ବୈଠକ ହୋଇଥିଲା। ପରବର୍ତ୍ତୀ ସମୟରେ ପୁଣେ, ହାଇଦ୍ରାବାଦ, ଶ୍ରୀନଗର, ଲେହ, ଦିଲ୍ଲୀ, ଲକ୍ଷ୍ନୌ, ଭୁବନେଶ୍ୱର, କୋଲକାତା, ଜୟପୁର, ଚେନ୍ନାଇ, ଚଣ୍ଡିଗଡ଼, ବେଙ୍ଗାଲୁରୁ ଓ ମୁମ୍ବାଇ ଆଦି ସହରରେ



ବୈଠକ ହୋଇଛି। ତେବେ ନୂଆ ଦରମା କେତେ ହେବ, ପେନ୍ସନ୍ କେତେ ବଢ଼ିବ ଏବଂ ଫିଟ୍ମେଣ୍ଟ ଫ୍ୟାକ୍ଟର କେତେ ରହିବ ତାହା ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ। ସପ୍ତମ ବେତନ କମିସନ ଅନୁଯାୟୀ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ସର୍ବନିମ୍ନ ମୂଳ ଦରମା ବର୍ତ୍ତମାନ ୧୮,୦୦୦ ଟଙ୍କା ରହିଛି। ୨୦୨୬ ଜାନୁଆରି ୧ରୁ ନୂଆ ଦରମା ଲାଗୁ ହେବା ନେଇ ଆଶା ରହିଥିଲେ କେବେ ଏହା ଘୋଷଣା ହେବ ତାହାକୁ କର୍ମଚାରୀମାନେ ଅପେକ୍ଷା କରି ରହିଛନ୍ତି।

ସାମରିକ ଆତ୍ମନିର୍ଭରତା ଭାରତ ପାଇଁ ଜରୁରୀ : ନୌସେନା ମୁଖ୍ୟ

ନୂଆଦିଲ୍ଲୀ: ବର୍ତ୍ତମାନର ଅସ୍ଥିର ବୈଶ୍ୱିକ ଭୂ-ରାଜନୈତିକ ପରିସ୍ଥିତିରେ ଆତ୍ମନିର୍ଭରତା କୌଣସି ବିକଳ୍ପ ନୁହେଁ, ବରଂ ଏହା ଏକ ରଣନୈତିକ ଆବଶ୍ୟକତା ବୋଲି ନୌସେନା ମୁଖ୍ୟ ଆଡମିରାଲ କୃଷ୍ଣ ସ୍ୱାମୀନାଥନ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ନୂଆଦିଲ୍ଲୀ ଠାରେ ଏକ ଥିଙ୍କ-ଟ୍ୟାଙ୍କ ଦ୍ୱାରା ଆୟୋଜିତ "ଦିଲ୍ଲୀ ଡିଫେନ୍ସ ଡାଏଲଗ୍"ରେ ଉଦବୋଧନ ଦେଇ ସେ କହିଛନ୍ତି ଯେ, ବାହ୍ୟ ଦେଶ କିମ୍ବା ସଂସ୍ଥା ଉପରେ ନିର୍ଭର ନକରି ନିଜ ବଳରେ ଯୁଦ୍ଧ ଲଢ଼ିବା, ଅପରେସନ୍ ଜାରି ରଖିବା ଏବଂ ନିଜକୁ ପରିସ୍ଥିତି ସହ ଖାପଖୁଆଇ ପାରୁଥିବା ଏକ ଶକ୍ତିଶାଳୀ ନୌସେନା ଗଠନ କରିବା ଭାରତ ପାଇଁ ଅତ୍ୟନ୍ତ ଜରୁରୀ।ଆଡମିରାଲ ସ୍ୱାମୀନାଥନ ସ୍ପଷ୍ଟ କରିଛନ୍ତି ଯେ, ଆତ୍ମନିର୍ଭରତାର ଅର୍ଥ ବିଶ୍ୱରୁ ଅଲଗା ହୋଇ ରହିବା ନୁହେଁ। ଏହା ଭାରତକୁ ବନ୍ଧୁରାଷ୍ଟ୍ରଗୁଡ଼ିକ ସହ ଦୁର୍ବଳତା ନୁହେଁ, ବରଂ ଶକ୍ତିଶାଳୀ ସ୍ଥିତିରେ ଥାଇ ସହଯୋଗ କରିବାକୁ ସମର୍ଥ କରିଥାଏ। ରୁଷ-ୟୁକ୍ରେନ୍ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟ ସଂଘର୍ଷର ଉଦାହରଣ ଦେଇ ସେ ଦର୍ଶାଇଥିଲେ ଯେ, ଯୁଦ୍ଧ ସମୟରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୁଏ। ତେଣୁ ଏକବିଂଶ ଶତାବ୍ଦୀର ନୌସେନା ପାଇଁ ସ୍ୱଦେଶୀ ଜ୍ଞାନକୌଶଳ ଓ ସାମରିକ ସାମର୍ଥ୍ୟ ହିଁ ଅପରେସନାଲ୍ ପ୍ରସ୍ତୁତିକୁ ସୁନିଶ୍ଚିତ କରିପାରିବ। ଏହାବ୍ୟତୀତ ନୌସେନା ମୁଖ୍ୟ ବୈଶ୍ୱିକ ସୁରକ୍ଷା ପ୍ରତି ଅସଂଗଠିତ ଗୋଷ୍ଠୀ କିମ୍ବା ବେସରକାରୀ ସଂସ୍ଥାଙ୍କ ବଢ଼ିପାଉଥିବା ପ୍ରଭାବ ନେଇ ଚିନ୍ତା ପ୍ରକାଶ କରିଥିଲେ। ପ୍ରଯୁକ୍ତିବିଦ୍ୟାର ସହଜ ଉପଲବ୍ଧତା ଯୋଗୁଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବେ ଭଲ ଲୋକ ଏବଂ ଖରାପ ଲୋକ ଉଭୟଙ୍କ ହାତରେ ପହଞ୍ଚିପାରୁଛି ବୋଲି ସେ କହିଥିଲେ। ଏହି ଆହ୍ୱାନର ମୁକାବିଲା ପାଇଁ ଗବେଷଣା ଓ ବିକାଶ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି କରିବା, ପ୍ରତିରକ୍ଷା ସାମର୍ଥ୍ୟର ଅଭାବକୁ ପୂରଣ କରିବା ଏବଂ ନୂତନ ଜ୍ଞାନକୌଶଳକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେନାର ଅପରେସନାଲ୍ କ୍ଷମତାରେ ପରିଣତ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

ମରୁଡ଼ି ସ୍ଥିତିରେ ଚାଷୀଙ୍କ ସହ ରହିଛନ୍ତି ସରକାର : ମୋଦୀ

ପୁଣେ : ମହାରାଷ୍ଟ୍ରରେ ମରୁଡ଼ି ସ୍ଥିତି ଯୋଗୁଁ ସଙ୍କଟରେ ପଡ଼ିଥିବା ଚାଷୀଙ୍କୁ କେନ୍ଦ୍ର ସରକାର ସବୁପ୍ରକାର ସହାୟତା ଯୋଗାଇଦେବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଆଶ୍ୱାସନା ଦେଇଛନ୍ତି। ଏଭଳି ସଙ୍କଟ ସମୟରେ ଏନଡିଏ ସରକାର ଚାଷୀଙ୍କ ସହ ଦୃଢ଼ ଭାବେ ରହିଛି ବୋଲି ସେ କହିଛନ୍ତି। ଏଥିସହ ଆଗାମୀ ଦୀପାବଳି ପର୍ବ ସମୟରେ ମରୁଡ଼ି ପ୍ରଭାବିତ ଚାଷୀ ପରିବାରଗୁଡ଼ିକ ଯେପରି ଉତ୍ସବର ଖୁସିରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଦେଶବାସୀ ସେମାନଙ୍କୁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।ପୁଣେର ହିଞ୍ଜେୱାଡ଼ି-ଶିବାଜୀନଗର ମେଟ୍ରୋ ଲାଇନ୍-୩ର ଉଦ୍‌ଘାଟନ ଅବସରରେ ଭିଡିଓ କନଫରେନ୍ସିଂ ଜରିଆରେ ଉଦବୋଧନ ଦେଇ ମୋଦୀ କହିଥିଲେ ଯେ ମହାରାଷ୍ଟ୍ରର ମରୁଡ଼ି ସ୍ଥିତି ସମ୍ପର୍କରେ ସେ ଅବଗତ ଅଛନ୍ତି। ରାଜ୍ୟ ସରକାର ଚାଷୀଙ୍କୁ ଆଗୁଆ ଆର୍ଥିକ ସହାୟତା ଦେଇଥିବା ବେଳେ କେନ୍ଦ୍ର ସରକାରଙ୍କ ପିଏମ୍-କିଷାନ ଯୋଜନାର ଅର୍ଥ ମଧ୍ୟ ଚାଷୀଙ୍କ ଖାତାକୁ ପଠାଯାଇଛି। ତେଣୁ



ଚାଷୀମାନେ ଚିନ୍ତା ନ କରିବାକୁ ସେ କହିଥିଲେ। ରାଜ୍ୟ ସରକାର ମରୁଡ଼ି ପ୍ରଭାବିତ ଅଞ୍ଚଳର ଯୋଗ୍ୟ ଚାଷୀଙ୍କୁ ଦୀପାବଳି ପୂର୍ବରୁ ୫ ହଜାର ଟଙ୍କା ଲେଖାଏଁ ଆଗୁଆ ସହାୟତା ଦେବାକୁ ଅନୁମୋଦନ କରିଛନ୍ତି। ଫସଲ କ୍ଷୟକ୍ଷତିର ଆକଳନ ଓ ଅନ୍ୟାନ୍ୟ ପ୍ରକ୍ରିୟା ଶେଷ ହେବା ପୂର୍ବରୁ ଚାଷୀଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବା ଏହି ପଦକ୍ଷେପର ଉଦ୍ଦେଶ୍ୟ। ଅନ୍ୟପକ୍ଷରେ, ପିଏମ୍-କିଷାନ ସମ୍ମାନ ନିଧି ଯୋଜନାରେ ଯୋଗ୍ୟ ଚାଷୀ ପରିବାରଙ୍କୁ ବର୍ଷକୁ ୬ ହଜାର ଟଙ୍କା ତିନିଟି କିସ୍ତିରେ ଦିଆଯାଉଛି।ମୋଦୀ କହିଥିଲେ ଯେ ଚାଷୀମାନେ ଦେଶକୁ ବିକଶିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କ ସଙ୍କଟ ସମୟରେ ସମାଜର ସମସ୍ତ ବର୍ଗ ସହଯୋଗର ହାତ ବଢ଼ାଇବା ଉଚିତ। ଦେଶର ବିକାଶ ପାଇଁ ରାସ୍ତା, ରେଳପଥ, ବିମାନବନ୍ଦର, ମେଟ୍ରୋ, ବିଦ୍ୟୁତ୍, ପାନୀୟ ଜଳ ଓ ଗ୍ୟାସ୍ ଯୋଗାଣ ଭଳି ଭିତ୍ତିଭୂମିର ବିକାଶ ସହ ଗରିବଙ୍କ ଜୀବନଧାରଣର ମାନ ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ।ଉଲ୍ଲେଖଯୋଗ୍ୟ, ମୋଦୀ ଏହି ଅବସରରେ ପୁଣେର ୨୩.୨ କିଲୋମିଟର ଦୀର୍ଘ ଉଚ୍ଚସ୍ତରୀୟ ମେଟ୍ରୋ ଲାଇନ୍-୩ର ଉଦ୍ଘାଟନ କରିଥିଲେ। ୮,୩୧୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମେଟ୍ରୋ ଲାଇନ୍ରେ ୨୩ଟି ଷ୍ଟେସନ୍ ରହିଛି। ଏହା ପୁଣେର ଆଇଟି କେନ୍ଦ୍ର ହିଞ୍ଜେୱାଡ଼ିକୁ ଶିବାଜୀନଗର ସହ ସଂଯୋଗ କରିବ। ଆସନ୍ତାକାଲି ସକାଳ ୬ଟାରୁ ଏହି ମାର୍ଗରେ ଯାତ୍ରୀସେବା ଆରମ୍ଭ ହେବାକୁ ଥିବା ବେଳେ ଏହାର ଟ୍ରେନଗୁଡ଼ିକୁ ମହିଳା ଚାଳକମାନେ ପରିଚାଳନା କରିବେ।

ନେପାଳରେ ହେଲିକପ୍ଟର ଧକ୍କା

ଭାରତୀୟ ନାଗରିକଙ୍କ ମୃତ୍ୟୁ

କାଠମାଣ୍ଡୁ: ନେପାଳରୁ ଏବେ ଏକ ବଡ଼ ଖବର ଆସିଛି। ଦୁଇଟି ହେଲିକପ୍ଟର ଧକ୍କା ହେବା ଫଳରେ ଏକ ଦୁର୍ଘଟଣା ଘଟିଛି। ରିପୋର୍ଟ ଅନୁସାରେ, ଅବତରଣ ସମୟରେ ଦୁଇଟି ହେଲିକପ୍ଟର ଧକ୍କା ହୋଇଥିଲା। କୁହାଯାଉଛି, ନେପାଳର ସୋଲୁଖୁମ୍ବୁରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ଦୁଇଟି ହେଲିକପ୍ଟର ମଧ୍ୟରେ ଧକ୍କା ହୋଇଥିବା ଦେଖାଯାଉଛି। ଭିଡିଓରେ ଘଟଣାସ୍ଥଳ ନିକଟରେ ଅନେକ ଲୋକଙ୍କୁ ଠିଆ ହୋଇଥିବାର ଦେଖାଯାଉଛି।ରିପୋର୍ଟ ଅନୁସାରେ, ଏହି ଦୁର୍ଘଟଣାରେ ଜଣେ ବିଦେଶୀ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଛି। ଏହା ଜଣେ ପାଇଲଟ୍ ଆହତ ହୋଇଛନ୍ତି। ନେପାଳ ପୁଲିସର ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ସକାଳ ପ୍ରାୟ ୮:୧୧ ସମୟରେ ମାଉଣ୍ଟ ଏଭରେଷ୍ଟ ଅଞ୍ଚଳର ଫେରିଚେରେ'ଫିସଟେଲ୍ ଏୟାର' ଏବଂ 'ଡାଇନେଷ୍ଟି ଏୟାର'ର ହେଲିକପ୍ଟର ଅବତରଣ କରିବା ସମୟରେ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟିଥିଲା। ଫିସଟେଲ୍ ଏୟାର ହେଲିକପ୍ଟରଟି ପାଇଲଟ୍ ପ୍ରଜ୍ୱଳ କେସି ଉଡ଼ାଉଥିଲେ, ଯେତେବେଳେ ଏୟାର ଡାଇନେଷ୍ଟି ହେଲିକପ୍ଟରରେ ପାଇଲଟ୍ ରବୀନ୍ଦ୍ର ପ୍ରଜାପତି ଥିଲେ।ଫିସଟେଲ୍ ଏୟାର ହେଲିକପ୍ଟରରେ ଥିବା ଭାରତୀୟ ନାଗରିକ ବସନ୍ତ କୁମାର ବାଲାରାମାରୁଡୁଙ୍କର ଘଟଣାସ୍ଥଳେ ମୃତ୍ୟୁ ହୋଇଥିଲା। ଭାରତୀୟ ବଂଶୋଦ୍ଭବ ନ୍ୟୁଜିଲ୍ୟାଣ୍ଡ ନାଗରିକ ଶୈଳେଶ କୃଷ୍ଣ ପଟେଲ ଆହତ ହୋଇଥିଲେ ଏବଂ ତାଙ୍କୁ ପ୍ରଭୁ ହେଲିକପ୍ଟର ଦ୍ୱାରା କାଠମାଣ୍ଡୁର ମେଡିସିଟି ହସ୍ପିଟାଲକୁ ପଠାଯାଇଥିଲା। ଉଭୟ ହେଲିକପ୍ଟରର ପାଇଲଟଙ୍କ ମଧ୍ୟ ସାମାନ୍ୟ ଆଘାତ ଲାଗିଥିଲା ଏବଂ ସେମାନଙ୍କୁ ଚିକିତ୍ସା ପାଇଁ କାଠମାଣ୍ଡୁ ନିଆଯାଇଥିଲା। ପୁଲିସ କହିଛି ଯେ, ମୃତ ଭାରତୀୟ ପର୍ଯ୍ୟଟକଙ୍କ ମୃତଦେହକୁ ପୋଷ୍ଟମର୍ଟମ୍ ଏବଂ ଅନ୍ୟାନ୍ୟ ଆଇନଗତ ପ୍ରକ୍ରିୟା ପାଇଁ ଲୁକଲା ହସ୍ପିଟାଲକୁ ନିଆଯାଇଛି।

ଜଳଦସ୍ୟୁଙ୍କ କବଳରୁ ୨୦ ଇରାନୀଙ୍କୁ ଉଦ୍ଧାର କଲା ଭାରତୀୟ ନୌସେନା

ନୂଆଦିଲ୍ଲୀ: ସୋମାଲିଆ ଉପକୂଳରୁ ଜଳଦସ୍ୟୁମାନଙ୍କ ଦ୍ୱାରା କବଜା କରାଯାଇଥିବା ଇରାନୀ ମାଛ ଧରା ଜାହାଜ 'ଆଜିନି'କୁ ଭାରତୀୟ ନୌସେନା ମୁକ୍ତ କରିଛି। ଏଥିରେ ଥିବା ସମସ୍ତ ୨୦ ଜଣ ଇରାନୀ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଭାରତୀୟ ବାୟୁସେନା ମଧ୍ୟ ଏହି ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ୪୮ ଘଣ୍ଟାର ଏହି ଅଭିଯାନରେ କୌଣସି ମୃତାହତ ଘଟଣା ଘଟିନଥିଲା। ଭାରତର କାର୍ଯ୍ୟାନୁଷ୍ଠାନ ପରେ ଇରାନ କୃତଜ୍ଞତା ପ୍ରକାଶ କରିଛି ଏବଂ ଭାରତୀୟ ନୌସେନା ଏବଂ ବାୟୁସେନାର ସାହସ, ବୃତ୍ତିଗତ ଏବଂ ସମନ୍ୱୟକୁ ପ୍ରଶଂସା କରିଛି। ନୂଆଦିଲ୍ଲୀ ସ୍ଥିତ ଇରାନର ଦୂତାବାସ ଭାରତ ସରକାର, ଭାରତୀୟ ନୌସେନା ଏବଂ ଭାରତୀୟ ବାୟୁସେନାକୁ ସେମାନଙ୍କର ସଫଳ ଅଭିଯାନ ଦ୍ୱାରା ମାଛ ଧରା ଜାହାଜର କ୍ରୁ ସଦସ୍ୟଙ୍କୁ ଜଳଦସ୍ୟୁଙ୍କଠାରୁ ଉଦ୍ଧାର କରିଥିବାରୁ ଆନ୍ତରିକ କୃତଜ୍ଞତା ଜଣାଇଛି। ଦୂତାବାସ କହିଛି ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ପ୍ରଦର୍ଶିତ ବୃତ୍ତିଗତ, ସାହସ ଏବଂ ପ୍ରଭାବଶାଳୀ ସମନ୍ୱୟକୁ ଆମେ ଉଚ୍ଚ ପ୍ରଶଂସା କରୁଛୁ।ଏହା ମାନବିକ ସହାୟତା ଏବଂ ବିପର୍ଯ୍ୟୟ ସହାୟତା ପ୍ରତି ଭାରତର



ଦୃଢ଼ ପ୍ରତିବଦ୍ଧତା ଏବଂ ସୀମା ବାହାରେ ଜୀବନ ରକ୍ଷା କରିବାରେ ଭାରତର ଭୂମିକାକୁ ପ୍ରତିଫଳିତ କରିଛି। ଏହି ମାନବିକ କାର୍ଯ୍ୟ ଇରାନ ଏବଂ ଭାରତ ମଧ୍ୟରେ ବନ୍ଧୁତା, ସଂହତି ଏବଂ ସହଯୋଗର ପ୍ରମାଣ । ଇରାନୀ କ୍ରୁଙ୍କ ସୁରକ୍ଷିତ ଉଦ୍ଧାର ସୁନିଶ୍ଚିତ କରିବାରେ ଜଡିତ ସମସ୍ତଙ୍କୁ ଆମେ ଆନ୍ତରିକ କୃତଜ୍ଞତା ଜଣାଉଛୁ।

କ୍ରୁଜ୍ ମିସାଇଲ୍ ପରୀକ୍ଷଣ କଲା ଉ.କୋରିଆ

ପୋଙ୍ଗୟାଙ୍ଗ: ଉତ୍ତର କୋରିଆ ରଣନୈତିକ କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରି ପୁଣି ଥରେ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିଛି। ସରକାରୀ ଗଣମାଧ୍ୟମ କୋରିଆନ୍ କେନ୍ଦ୍ରୀୟ ସମାଚାର ଏଜେନ୍ସି (କେସିଏନଏ) ଏସମ୍ପର୍କରେ ରିପୋର୍ଟ କରାଯାଇଛି। ଗୋଟିଏ ଦିନ ପୂର୍ବରୁ ଉତ୍ତର କୋରିଆ ମଧ୍ୟ କ୍ରୁଷ୍ଟର ବୋମା ଅସ୍ତ୍ର ପରୀକ୍ଷଣ କରିଥିଲା। କୋରିଆ ଉପଦ୍ୱୀପରେ ଦକ୍ଷିଣ କୋରିଆ ସହିତ ବଢୁଥିବା ଉତ୍ତେଜନା ମଧ୍ୟରେ ପ୍ୟୋଙ୍ଗୟାଙ୍ଗର ଏହି ସାମରିକ ପରୀକ୍ଷଣକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଉତ୍ତର କୋରିଆର ସରକାରୀ ସମାଚାର ଏଜେନ୍ସି ଅନୁଯାୟୀ, ଏହି କ୍ରୁଜ୍ କ୍ଷେପଣାସ୍ତ୍ରର ମଧ୍ୟମ ଆକାରର ବିସ୍ଫୋରକ ଯୁକ୍ତାସ୍ତ୍ର କ୍ରୁଷ୍ଟର ଯୁକ୍ତାସ୍ତ୍ର ମାଡ଼ କରିବାର କ୍ଷମତା ରହିଛି। ଏହା ୫ ରୁ ୬ ହେକ୍ଟର ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବରେ ପୋଡ଼ି ପାଉଁଶ କରିପାରିବ। ଏଜେନ୍ସି କହିଛି ଯେ ଏହି ପରୀକ୍ଷଣରେ ଶେଷ ପର୍ଯ୍ୟାୟରେ ଦିଗ ପରିବର୍ତ୍ତନ କରିବା ଏବଂ ଲକ୍ଷ୍ୟସ୍ଥଳ ଉପରେ ସଠିକ୍ ଭାବରେ ଆକ୍ରମଣ କରିବା ପାଇଁ କ୍ଷେପଣାସ୍ତ୍ରର କ୍ଷମତାକୁ ବିକଶିତ କରାଯାଇଛି। ଉତ୍ତର କୋରିଆର ଅଧିକାରୀମାନେ ଏହି କ୍ଷେପଣାସ୍ତ୍ର ପରୀକ

କିଟ୍‌ରେ ରଣଜୀ ଲଢେଇ

ଆଦିତ୍ୟ ଲଢିଲେ, ଅନୁକୂଳ ଗତି ଦେଲେ

ଝାଡଖଣ୍ଡ ୨୫୮/୫, ଦ୍ୱିତୀୟ ଦିନ ଝଡିଲା ୨ ୱିକେଟ୍

ଭୁବନେଶ୍ୱର, ୩।୧୧(ସବ୍ୟୁ) : ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ ସି ର ଏକ ମ୍ୟାଚରେ ଓଡିଶା ଓ ଝାଡଖଣ୍ଡ ମୁହାଁମୁହିଁ ହୋଇଛନ୍ତି । କିଟ୍ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚର ପ୍ରଥମ ଦିନ ବର୍ଷା ଯୋଗୁଁ ମାତ୍ର ୨୫ ଓଭର ସମ୍ଭବ ହୋଇଥିଲା । କିନ୍ତୁ ଦ୍ୱିତୀୟ ଦିନ ଖରା -ଛାଇର ଲୁଚକାଳୀ ଭିତରେ ୮୩ ଓଭର ଖେଳାଯାଇଛି । ଦ୍ୱିତୀୟ ଦିନ ପିଚ୍ ଏପରି ଥିଲା ଯେ, ଓଡିଶା ବୋଲର ଦିନ ତମାମ୍ ନାକେଦମ୍ ହୋଇ କେବଳ ଦୁଇ ୱିକେଟ ଝଡାଇବାକୁ ସକ୍ଷମ ହୋଇଥିଲେ । ଆଦିତ୍ୟ ସିଂ ବିପର୍ଯ୍ୟୟ ସ୍ଥିତି ସମ୍ଭାଳିଥିବା ବେଳେ ରନକୁ ଗତି ଦେଇଥିଲେ ଅନୁକୂଳ ରୟ । ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଝାଡଖଣ୍ଡ ୧୦୮ ଓଭରରେ ୨୫୮/୫ ରନ କରିଛି । ଆଦିତ୍ୟ ସିଂ ୯୪ ରନ କରି ଶତକର ନିକଟତର ହୋଇଛନ୍ତି ।

ପ୍ରଥମ ଦିନର ଅସମାପ୍ତ ଇନିଂସ ୩୭/୩ ରୁ ଝାଡଖଣ୍ଡ ପାଳି ଆରମ୍ଭ କରିଥିଲା । ବିରାଟ ସିଂ ୧୪ ଓ ଆଦିତ୍ୟ ସିଂ ୧୦ ରନରୁ ଖେଳ ଆରମ୍ଭ କରିଥିଲେ । ଲାଗୁଥିଲା ଭଲ ପାଗରେ ଓଡିଶା ଝାଡଖଣ୍ଡର ପ୍ରଥମ ଇନିଂସକୁ ଶୀଘ୍ର ଶେଷ କରିଦେବ । କିନ୍ତୁ ବିରାଟ ଓ ଆଦିତ୍ୟଙ୍କ ଯୋଡି ସବୁ ବିଗାଡି ଦେଇଥିଲା । ଅବଶ୍ୟ ବିରାଟ ୧୪୩ ବଲର ସମ୍ଭୁଖୀନ ହୋଇ ୩୯ ରନ ସ୍କୋରରେ ରଥଭଙ୍କ ଶିକାର ହୋଇଥିଲେ । ଏହାପରେ ଆଦିତ୍ୟ ଓ ଅନୁକୂଳ ପଞ୍ଚମ ୱିକେଟ ପାଇଁ ୧୫୫ ରନର ଭାଗିଦାରୀ କରିଥିଲେ । ପ୍ରଥମ ଓ ଦ୍ୱିତୀୟ ଅଧିବେଶନରେ ଦୁହେଁ ଏତେ ଧୀମା ଖେଳିଥିଲେ ଯେ ଓଡିଶା ବୋଲର ହତୋତ୍ସାହିତ ହୋଇଥିଲେ । ଅନୁକୂଳ ସମୟକ୍ରମେ ୧୪୦ ବଲର ସମ୍ଭୁଖୀନ ହୋଇ ୭ ଚୌକା ଓ ୨ ଟି ଛକା ସହାୟତାରେ ୮୯ ରନ କରି ଶତକର ନିକଟତର ହୋଇଥିବା ବେଳେ ରଥଭଙ୍କ ବଲକୁ ଫାଇନଲେଗ୍ ଅଞ୍ଚଳକୁ ଖେଳି ବାଦଲ ବିଶ୍ୱାଳଙ୍କ ହାତରେ ଧରା ପଡିଥିଲେ । ଯୋଡି ଭାଙ୍ଗିବା ପରେ ପଡିଆକୁ ଆସିଥିଲେ ରବିନ ମିଞ୍ଜ । ସେ ୨୭ ବଲରୁ ୧୧ ରନ କରି ଅପରାଜିତ ଅଛନ୍ତି । ଆଦିତ୍ୟ ସିଂଙ୍କ ଯୋଗୁଁ ଝାଡଖଣ୍ଡ ବିପର୍ଯ୍ୟୟରୁ ବର୍ତ୍ତାଯାଇଛି । ଆଦିତ୍ୟ ୨୮୩ ବଲ ଅର୍ଥାତ୍ ପାଖାପାଖି ୪୭ ଓଭର ବ୍ୟାଟିଂ କରି ୮ ଚୌକା ସହାୟତାରେ ଅପରାଜିତ ୯୪ ରନ କରିଛନ୍ତି । ପଡିଆରେ ଆଲୋକର ଅଭାବ କାରଣରୁ ଅମ୍ପାୟାର ମ୍ୟାଚକୁ ନିର୍ଦ୍ଧାରିତ କୋଟାର ୭ ଓଭର ପୂର୍ବରୁ ବନ୍ଦ କରିଥିଲେ । ଓଡିଶାର ରାଜେଶ ମହାନ୍ତି ୨ ଟି, ନିନାଦ ରଥଭ ଓ ବାଦଲ ବିଶ୍ୱାଳ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

ଗୁରୁତ୍ୱପୂର୍ଣ୍ଣ ରହିବ ପ୍ରଥମ ସେସନ

ମ୍ୟାଚର ତୃତୀୟ ଦିନ ପ୍ରଥମ ସେସନ୍ ଗୁରୁତ୍ୱପୂର୍ଣ୍ଣ ରହିବ । ଓଡିଶା ଦଳ ଅଧିକରୁ ଅଧିକ ୱିକେଟ ଅକ୍ତିଆର କରି ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା ଝାଡଖଣ୍ଡକୁ ଅଲଆଉଟ୍ କରିବା ପାଇଁ ଚେଷ୍ଟା କରିବ । ୨୫୦ ରୁ ଅଧିକ ରନ୍ ହୋଇସାରିଛି । ତେଣୁ ୩୦୦ ରନ ମଧ୍ୟରେ ଝାଡଖଣ୍ଡକୁ ଅଟକାଇ ପାରିଲେ ଓଡିଶା ପାଇଁ ସୁଯୋଗ ରହିବ । ପିଚ୍‌ର ସ୍ଥିତି ଫ୍ଲାଟ ଥିବାରୁ ଝାଡଖଣ୍ଡ ଆଦୌ ପାଳି ଘୋଷଣା କରିବାକୁ ଚାହିଁବ ନାହିଁ । ଏକ ସୁରକ୍ଷିତ ରନ ପରେ ହିଁ ଦଳ ପାଳି ଘୋଷଣାର ନିଷ୍ପତ୍ତି ନେଇପାରେ । ଏହା ପୂର୍ବରୁ ଓଡିଶା ଦଳ ଝାଡଖଣ୍ଡକୁ ଅଲଆଉଟ୍ କରି ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚେଷ୍ଟା କରିବ ।



ପ୍ରଥମ ଦିନ ବର୍ଷା କାଳ ହେଲା, ଆଉ ୧୦ ଓଭର ମିଳିଥିଲେ ଫଳାଫଳ ଅଲଗା ହୋଇଥାନ୍ତା

ପ୍ରଥମ ଦିନ ବର୍ଷା ଯୋଗୁଁ ଦୁଇଟି ସେସନରୁ ଅଧିକ ବାଧାପ୍ରାପ୍ତ ହୋଇଥିଲା । କେବଳ ୨୫ ଓଭର ଖେଳ ସମ୍ଭବ ହୋଇଥିଲା । ଆଲୋକର ଅଭାବ କାରଣରୁ ମ୍ୟାଚ ଅପରାହ୍ନ ୨.୪୫ ରୁ ବନ୍ଦ ହୋଇଥିଲା । ଯଦି ଆଉ ୧୦ ଓଭର ଓଡିଶାକୁ ବୋଲିଂ କରିବାର ସୁଯୋଗ ମିଳିଥାନ୍ତା, ତେବେ ନିଶ୍ଚିତ ଭାବେ ଫଳ ଅଲଗା ହୋଇଥାନ୍ତା । କାରଣ ପ୍ରଥମ ଦିନ ପିଚରେ ଜୀବନ ଥିଲା, ବଲ ବାଉନ୍ସ ହେଉଥିଲା, ଭଲ ସୁଇଂ ମିଳୁଥିଲା । ତେଣୁ ଓଡିଶା ବୋଲର ଶୀଘ୍ର ୩ ୱିକେଟ ଝଡିବାକୁ ସକ୍ଷମ ହୋଇଥିଲେ । ଯଦି ଆଉ ୨/୩ ୱିକେଟ ଝଡି ଥାନ୍ତା ତେବେ ଓଡିଶା ଦ୍ୱିତୀୟ ଦିନ ବ୍ୟାଟିଂର ସୁଯୋଗ ପାଇଥାନ୍ତା । ଆଗକୁ ଓଡିଶା ବ୍ୟାଟରଙ୍କୁ ଜଗିରଖି ଖେଳିବାକୁ ହେବ । ତେବେ ଯାଇ ଆମେ ଝାଡଖଣ୍ଡ ବିପକ୍ଷରେ ଦୃଢ ଜବାବ୍ ଦେଇପାରିବୁ ବୋଲି କୋଚ୍ କହିଛନ୍ତି ।

ବରିଷ୍ଠ ଖେଳାଳିଙ୍କ ପାଇଁ କବାଟ ଖୋଲା ଅଛି : ପ୍ରଭଞ୍ଜନ

ଚଳିତ ରଣଜୀ ଋତୁରେ ଏପର୍ଯ୍ୟନ୍ତ ଓଡିଶା ଭଲ ପ୍ରଦର୍ଶନ ଦେଖାଇପାରିନାହିଁ । ପ୍ରତି ମ୍ୟାଚରେ ଖେଳାଳିଙ୍କ ଅଦଳବଦଳ ହେଉଛି । ନବାଗତଙ୍କୁ ସୁଯୋଗ ଦେବା ଭଲ ପଦକ୍ଷେପ । ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବା ଉଚିତ । ଓଡିଶା ପ୍ରଥମ ଦୁଇଟି ମ୍ୟାଚ ହାରିଥିଲା । ତୃତୀୟ ମ୍ୟାଚରେ ବର୍ଷା କାରଣରୁ ୧ ପଏଣ୍ଟ ମିଳିଥିଲା ଏବଂ ଚତୁର୍ଥ ମ୍ୟାଚରେ ଦଳ ୩ ପଏଣ୍ଟ ପାଇଁ ଯୋଜନା କରିଛି । ସବୁଠୁ ବଡ କଥା ହେଉଛି ଓଡିଶା ରଣଜୀ ଦଳରେ ବରିଷ୍ଠ ଖେଳାଳିଙ୍କୁ ସୁଯୋଗ ଦିଆଯାଉନଥିବା ଯେଉଁ ଅଭିଯୋଗ ହେଉଛି ତାହା ଉଚିତ ନୁହେଁ । କାରଣ ଓଡିଶା କ୍ରିକେଟ ଆସୋସିଏସନ କୌଣସି ଖେଳାଳିଙ୍କୁ ଅବସର ପାଇଁ ବାଧ କରିନି । ଉଜ୍ଜକୋଟିର ପ୍ରଦର୍ଶନ ଦେଖାଇ ଦଳକୁ ଫେରିବାର ବାଟ ଖୋଲା ଅଛି । ବିପ୍ଲବଙ୍କ ଭଳି ଜଣେ ବରିଷ୍ଠ ଖେଳାଳିଙ୍କ ଲାଗି ସବୁବେଳେ ସୁଯୋଗ ରହିଛି । ସେ ୧୪ /୧୫ ବର୍ଷ ଧରି ଓଡିଶା କ୍ରିକେଟରେ ସକ୍ରିୟ ଅଛନ୍ତି । ଗତ ରଣଜୀ ସିଜନର ଶେଷ କେତୋଟି ମ୍ୟାଚ ଖେଳି ଭଲ ପ୍ରଦର୍ଶନ ଦେଖାଇଥିଲେ । ମୁଁ ଆଶା କରିବି ବିପ୍ଲବ ନିଜ ଦକ୍ଷତା ଓ ଅଭିଜ୍ଞତା ବଳରେ ଦଳକୁ ଫେରନ୍ତୁ ବୋଲି ମୁଖ୍ୟ କୋଚ ପ୍ରଭଞ୍ଜନ କହିଛନ୍ତି ।

ଚଳିତ ରଣଜୀ ଋତୁରେ ଟିମ୍ ମ୍ୟାନେଜମେଣ୍ଟ ନବାଗତଙ୍କୁ ସୁଯୋଗ ଦେବା ପାଇଁ ନିଷ୍ପତ୍ତି ନେଇଛି । ଓମ୍ ଟି ମୁଣ୍ଡେ, ଗୌରବ ଚୌଧୁରୀ, ଭରଦ୍ୱାଜଙ୍କ ଭଳି ଯୁବ ଖେଳାଳିଙ୍କ ଉପରେ ନଜର ରହିଛି । ଭରଦ୍ୱାଜଙ୍କୁ ବରିଷ୍ଠ ଦଳରେ ସୁଯୋଗ ମିଳିନଥିବାରୁ ସେ ୨୩ ବର୍ଷରୁ କମ୍ ଓଡିଶା ଦଳରେ ଖେଳୁଛନ୍ତି । କିଛି ଯୁବ ତାରକାଙ୍କୁ ଗୋଟିଏ ଦୁଇଟି ମ୍ୟାଚ ପରେ ଦଳକୁ ବାଦ ଦେବା ପ୍ରଶ୍ନର ଉତ୍ତରରେ କୋଚ କହିଛନ୍ତି ତୌଫିଲ ଅହମ୍ମଦଙ୍କ ଭଳି ଯୁବ ଖେଳାଳି ଗତବର୍ଷ ଓଡିଶା ରଣଜୀ ଦଳର ଡେବ୍ୟୁ କରିଥିଲେ । ଝାଡଖଣ୍ଡ ବିପକ୍ଷ ମ୍ୟାଚରେ ୮ ୱିକେଟ ମଧ୍ୟ ନେଇଥିଲେ । କିନ୍ତୁ ସେ ଓଡିଶା ରଣଜୀ ଦଳର ପ୍ରଥମ ପସନ୍ଦ ନୁହଁନ୍ତି । ବାମହାତୀ ସ୍ପିନର ସୁମିତ ଶର୍ମାଙ୍କ ଅସୁସ୍ଥତା କାରଣରୁ ତୌଫିଲ ଓଡିଶା ଦଳରେ ସ୍ଥାନ ପାଇଥିଲେ । ଭଲ ପ୍ରଦର୍ଶନ ମଧ୍ୟ କରିଥିଲେ । କିନ୍ତୁ ତାଙ୍କୁ ନିଜ ବୟସ ବର୍ଗ ପ୍ରତିଯୋଗିତାରେ ଆହୁରି ଭଲ ପ୍ରଦର୍ଶନ କରି ରଣଜୀ ଦଳ ପାଇଁ ନିଜକୁ ପ୍ରମାଣିତ କରିବାକୁ ହେବ । ସେହିଭଳି ଓମକାର ମହାନ୍ତି ମଧ୍ୟ ପ୍ରଶାନ୍ତ ରଣାଙ୍କ ସ୍ଥାନରେ ଦଳରେ ସୁଯୋଗ ପାଇଥିଲେ । ସେ ଦଳର ପ୍ରଥମ ପସନ୍ଦ ନଥିଲେ କିନ୍ତୁ ସ୍ଥାନ ପାଇ ଭଲ ପ୍ରଦର୍ଶନ ଦେଖାଇଥିଲେ । ଯୁବ ଖେଳାଳିଙ୍କ ପାଖରେ ପର୍ଯ୍ୟାପ୍ତ ସୁଯୋଗ ଅଛି । ଭଲ ପ୍ରଦର୍ଶନ ମାଧ୍ୟମରେ ହିଁ ଦଳରେ ସ୍ଥାନ ପାଇପାରିବେ । ଆଗକୁ ଦିନିକିଆ ଓ ଟି -୨୦ ଫର୍ମାଟର ପ୍ରତିଯୋଗିତା ରହିଛି । ଏପର୍ଯ୍ୟନ୍ତ ଓଡିଶା ଦଳ ଘୋଷଣା ହୋଇନାହିଁ । ତେଣୁ ଯୁବ ଖେଳାଳିଙ୍କ ପାଇଁ ସୁଯୋଗ ରହିଛି ବୋଲି କୋଚ୍ ପ୍ରଭଞ୍ଜନ ମଲ୍ଲିକ କହିଛନ୍ତି ।

ରାଜକନିକା କପ ଫୁଟବଲ ସେମିରେ ଜଗା ୟୁନାଇଟେଡ଼

ରାଜକନିକା, ୩/୧୧(ସବ୍ୟୁ) : ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆର. ଏନ ହାଇସ୍କୁଲ ମନ ଷ୍ଟାଡିୟମ ରେ ଚାଲିଥିଲା ୪୫ ତମ ରାଜ୍ୟସ୍ତରୀୟ ରାଜକନିକା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ତୃତୀୟ ଦିନ ଖେଳ ଜଗା ୟୁନାଇଟେଡ଼ ଭୁବନେଶ୍ୱର ବନାମ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ଜଗାୟୁ ନାଇଟେଡ଼ ଭୁବନେଶ୍ୱର ପପୁଲାର କ୍ଲବ ଢେଙ୍କାନାଳ କୁ ୨- ୦ ଗୋଲ ରେ ପରାସ୍ତ କରି ତୃତୀୟ ଦଳ ଭାବେ ସେମି ଫାଇନାଲ ରେ ପ୍ରବେଶ କରିଛି , ଶିକ୍ଷାବିତ ସଓ୍ୱର୍ଗତ କୃଷ୍ଣ ଚନ୍ଦ୍ର ମଲ୍ଲିକ ଓ ସମାଜ ସେବିକା ଟଂଜିତା ଶତପଥୀ ଙ୍କୁ ସମର୍ପିତ କରାଯାଇଥିବା ଏହି ଖେଳରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଦନ୍ତ ପରିଷଦ ସଭାପତି ପ୍ରଫେସର ଡାକ୍ତର ଆଶିଷ କୁମାର ବାରିକ, ସଓ୍ୱତନ୍ତ୍ର ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଉପାଧକ୍ଷ ତନୁୟ ରଞ୍ଜନ ଦାସ, ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରଦୀପ ପଲାଇ, ଓଳାଭର କଲେଜ ର ପ୍ରାକ୍ତନ ଅଧକ୍ଷ ପ୍ରଫେସର ହଳଧର ବେହେରା, ଗୁଗୁଲି କଲେକ୍ସନ କ୍ଲଥ ଷ୍ଟୋର ର ପ୍ରୋପାଇଟର ଚିତ୍ତ ରଞ୍ଜନ ମିଶ୍ର, ସାମାଜିକ କର୍ମୀ ଦିଲ୍ଲୀପ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ଏହି ଅବସରରେ ଅନୁଷ୍ଠାନ ର ସଭାପତି ତଥା ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଫେସର ବୈକୁ= ନାଥ ପରିଡା, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପସଭାପତି କପିଳେନ୍ଦ୍ର ମଲ୍ଲିକ, କାର୍ଯ୍ୟକାରୀ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ମନୋଜ ସେନାପତି ଓ ଅମିତାଭ କରଣ, କୋଷାଧକ୍ଷ ଦେବେନ୍ଦ୍ର କୁମାର ନାୟକ ଓ ମିଡ଼ିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ରାମ ଚନ୍ଦ୍ର ବେସ୍ରା, ଗଣେଶ୍ୱର ସିଂହ , ସୁକାନ୍ତ ସିଂହ ମାନସ ବିଶ୍ୱାଳ ଆଦି ଖେଳ ପରିଚାଳନା କରିଥିବା ବେଳେ, ଗୋଲକିହାରୀ ମଲ୍ଲିକ ମ୍ୟାଚ କମିଶନର, ସୋମ୍ୟ କାନ୍ତ ନାୟକ ଓ ପ୍ରଶାନ୍ତ ସାହୁ ଧାରବିବାରଣୀ କାର୍ଯ୍ୟ ସମ୍ପାଦନ କରିଥିଲେ ଏହି ଖେଳରେ ଶ୍ରେଷ୍ଠ ଖେଳାଳି ଭାବେ ବିଜେତା ଦଳର ବୁଲୁ ନାୟକ ଙ୍କୁ ଯୁଧିଷ୍ଠିର ମଥାନ ସ୍ମାରକୀ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା ଫୁଟବଲ ସମ୍ପାଦକ ଶରତ ଜେନା, ଶରତ ମଲ୍ଲିକ,ମିଜା ଇବ୍ରାହିମ ବେଗ, ବାସୁଦେବ ବେହେରା, ପର୍ଶୁରାମ ସାହୁ, ବେଣୁଧର ପରିଡା, ଅକ୍ଷୟ କୁମାର ନାଥ, ପ୍ରକାଶ ସେନାପତି, ମାନଗୋବିନ୍ଦ ବଳ ଆଦି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ୪ ତାରିଖ ରାଜକନିକା ଆଥେଲେଟିକ ଆସୋସିଏସନ ବନାମ୍ୟୁନାଇଟେଡ଼ ଏଫ. ସି. ଗଣ୍ଡରପୁର କୁ ଭେଟିବ ବୋଲି ଅନୁଷ୍ଠାନ ର ସମ୍ପାଦକ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି

ରାଜ୍ୟ ସିନିୟର ମହିଳା ଫିଡେ ରେଟେଡ୍ ଚେସ୍

ଅନିଶା, ନୈନିକା, ଶ୍ରଦ୍ଧା ମିଳିତ ଅଗ୍ରଣୀ

ଭୁବନେଶ୍ୱର, ୩।୧୧(ସବ୍ୟୁ) : ସ୍ଥାନୀୟ କାଟ ପରିସରରେ ଜଗତସିଂହପୁର ଜିଲ୍ଲା ଚେସ୍ ଆସୋସିଏସନ ଦ୍ୱାରା ଆୟୋଜିତ ଏବଂ ଓଡ଼ିଶା ଚେସ୍ ଆସୋସିଏସନସହଯୋଗରେ ସମ୍ମାନଜନକ ଓଡ଼ିଶା ରାଜ୍ୟ ସିନିୟର ମହିଳା ଫିଡେ ରେଟେଡ୍ ଚେସ୍ ଚାମ୍ପିଅନସିପ୍ ର ଦ୍ୱିତୀୟ ଦିନ ଚତୁର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଅନିଶା ମିଶ୍ର ପୁରୀ, ନୈନିକା ସାହୁ ଓ ଶ୍ରଦ୍ଧା ଭାଗ୍ୟ କମାନି ଉଭୟ ଖୋର୍ଦ୍ଧା ପୂର୍ଣ୍ଣ ୪ ପଏଣ୍ଟ ସହ ମିଳିତ ଅଗ୍ରଣୀ ଅଛନ୍ତି । ଦ୍ୱିତୀୟ ଟେବୁଲରେ ପୁରୀର ଅନିଶା ମିଶ୍ର ସିସିଲିଆନ୍ ନାଜ୍ ଡ୍ରପ ୩୯ ଚାଲରେ ଅଭିଜ୍ଞ ଗିତଶ୍ରୀ ବିଶ୍ୱାଳ ଙ୍କୁ ପରାସ୍ତ କରି ସମସ୍ତଙ୍କ ପ୍ରଶଂସା ଭାଜନ ହୋଇଛନ୍ତି । ସକାଳେ ଶ୍ରଦ୍ଧା ମଧ୍ୟ ଟପ୍ ସିଡ୍ ଆୟୁଷି ଙ୍କୁ ପରାସ୍ତ କରି ଏକ ବଡ଼ ଘାତକ ସାଜିଥିଲେ । ପ୍ରଥମ ଟେବୁଲରେ ୯ଥର ସିନିଅର ମହିଳା ଚାମ୍ପିଅନ କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ଧଳା ଦାନରେ ଙ୍ଗଲିଶ ଓପନିଙ୍ଗ ପ୍ରଣାଳୀରେ ଖେଳ ଆରମ୍ଭ କରି ବିଶ୍ୱ ଚେସ ପଦକ ବିଜେତା ୟାଶିତା ରାଉତ ଙ୍କ ବିପକ୍ଷରେ ମାତ୍ର ୩୧ ଚାଲରେ ବାଜିକୁ ଅମୀମାଂସିତ ରଖିବାରୁ ଟେବୁଲ୍ ର ଦ୍ୱିତୀୟ ସ୍ଥାନକୁ ଖସି ଆସିଥିଲେ । ଉଭୟ ସାଢ଼େ ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଚତୁର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଟପ୍ ସିଡ୍ ଆୟୁଷି ରାୟ ଚୌଧୁରୀ, ପୁରୀ, ଶ୍ରଦ୍ଧା ସ୍ମରଣିକା ନନ୍ଦ କଟକ, ସ୍ନେହାଯୁକ୍ତ ବେହେରା,ପଦ୍ମିନୀ ପାଣିଗ୍ରାହୀ ଗଞ୍ଜାମ, ଡ୍ରିଷ୍ଟୀ ପ୍ରଧାନ ସୁନ୍ଦରଗଡ, ଅର୍ଣିକା ଦାସ, ଖୋର୍ଦ୍ଧା, ତୁଳସୀ ଟୁଡୁ,ପାଲୋ ସମାଦ ,ସୀମା ପୃଷ୍ଟି (ସମସ୍ତେ କିସ) ଙ୍କ ସହ ମୋଟ ୯ ଜଣ ଖେଳାଳି ୩ପଏଣ୍ଟ ସହ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି । ପୂର୍ବତନ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ଡଃ ଶୂନ୍ୟସକ୍ତା ଶତପଥୀ ହଠାତ୍ ପୁରୀ ଡାକ୍ତର ଖାନାରେ ପ୍ରଥମ ପୋଷ୍ଟିଙ୍ଗ ର ପ୍ରଥମଦିନ ଯୋଗ ଦେବାକୁ ପଡ଼ିବାରୁ ଦ୍ୱିତୀୟ ରାଉଣ୍ଡରୁ ପ୍ରତିଯୋଗିତାରୁ ପୁରା ଓହରି ଯାଇଛନ୍ତି ବୋଲି ରାଜ୍ୟ ଚେସ ସଂଘ ସଭାପତି ସତ୍ୟ ରଂଜନ ପଟ୍ଟନାୟକ ପ୍ରକାଶ କରିଛନ୍ତା । ଜିଲ୍ଲା ଚେସ ସଂଘ ସମ୍ପାଦକ ଡଃ ଗଗନେନ୍ଦୁ ଦାସ ଏବଂ ଏ ଓ ସି ଏ କାର୍ଯ୍ୟକାରୀ ସମ୍ପାଦକ ଭବେଶ ମହାନ୍ତି ଙ୍କ ପ୍ରତେଖ ତଦାରଖ ରେ ଅନ୍ତର୍ଜାତୀୟ ଅର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ସନ୍ତୋଷ ମହାପାତ୍ର ପରିଚାଳନା କରୁଛନ୍ତି ।



ନଭେମ୍ବର ୨୫ରୁ ଭୁବନେଶ୍ୱରରେ ବିମଷ୍ଟେକ୍ ଆଥଲେଟିକ୍ସ ଚାମ୍ପିଅନସିପ୍

ଭୁବନେଶ୍ୱର, ୩।୧୧(ସବ୍ୟୁ) : ଓଡ଼ିଶାର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୫ରୁ ୨୭ ପର୍ଯ୍ୟନ୍ତ ଆୟୋଜିତ ହେବ ପ୍ରଥମ ବିମଷ୍ଟେକ୍ ଅଣ୍ଡର-୨୩ ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୬ । ଏହି ଆଞ୍ଚଳିକ ପ୍ରତିଯୋଗିତାରେ ୭ଟି ଦେଶର ଆଥଲେଟ୍ ଭାଗ ନେବେ । ଭାରତ ଏଥିପାଇଁ ୯୫ ଜଣିଆ ଦଳ ଚୟନ କରିଛି । ପ୍ରତ୍ୟେକ ଇଭେଣ୍ଟ ପାଇଁ ରିଜର୍ଭ ଖେଳାଳିଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି । ଭାରତ ସହ ଥାଇଲାଣ୍ଡ, ଶ୍ରୀଲଙ୍କା, ନେପାଳ, ଭୁଟାନ, ବାଂଲାଦେଶ ଓ ମିଆଁମାର ଏହି ଚାମ୍ପିଅନସିପରେ ଅଂଶଗ୍ରହଣ କରିବେ । ଭାରତୀୟ ଦଳର ଖେଳାଳିମାନଙ୍କୁ ଅଣ୍ଡର-୨୦ ଓ ଅଣ୍ଡର-୨୩ ଜାତୀୟ ଆଥଲେଟିକ୍ସ ଚାମ୍ପିଅନସିପର ଚୟନ କରାଯାଇଛି । ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ଓ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏଏଫ୍ଆଇ)ର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି । ଚାମ୍ପିଅନସିପରେ ପୁରୁଷ ଓ ମହିଳା ବର୍ଗରେ ୧୪ଟି ଲେଖାଏଁ ଇଭେଣ୍ଟ ରହିବ । ଏହା ସହ ୪×୧୦୦ ମିଟର ଓ ୪×୪୦୦ ମିଟର ରିଲେ ଇଭେଣ୍ଟ ମଧ୍ୟ ଆୟୋଜିତ ହେବ । ଏହି ପ୍ରତିଯୋଗିତା ୱାର୍ଲ୍ଡ ଆଥଲେଟିକ୍ସର ଅଧିକାରିକ ପ୍ରତିଯୋଗିତା କ୍ୟାଲେଣ୍ଡରର ଅଂଶ ନୁହେଁ । ବିମଷ୍ଟେକ୍ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ କ୍ରୀଡ଼ା ସମ୍ପର୍କ ଓ ସହଯୋଗକୁ ମଜବୁତ କରିବା ଏହି ଆଞ୍ଚଳିକ ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ।

କୋରିଆ ଓପନରେ ସୋନାଲି-ରିତିକାଙ୍କ ୱାକ୍‌ଓଭର୍

କୋରିଆ, ୩।୧୧(ଏଜେନ୍ସି) : କୋରିଆ ଓପନ୍ ସୁପର୍ ୫୦୦ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ଭାରତକୁ ପ୍ରାରମ୍ଭିକ ଝଟକା ଲାଗିଛି । ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ସୋନାଲି ସିଂହ ଓ ରିତିକା ଠାକର ମଙ୍ଗଳବାର ପ୍ରଥମ ରାଉଣ୍ଡ ମ୍ୟାଚରେ ୱାକ୍‌ଓଭର୍ ଦେଇଛନ୍ତି । ସୋନାଲି ଓ ରିତିକାଙ୍କ ମୁକାବିଲା ଅଷ୍ଟ୍ରେଲିଆର ଲୌଡ୍ୟା ଚେଲ୍ସି ଗ୍ରିସେଲ୍ଡା ଓ ନୋଜୋମି ଶିମିଜୁଙ୍କ ସହ ହେବାର ଥିଲା । ତେବେ ଭାରତୀୟ ଯୋଡ଼ି ମ୍ୟାଚ ଓହରିଯିବାରୁ ପ୍ରତିପକ୍ଷ ଦଳକୁ ୱାକ୍‌ଓଭର୍ ମିଳିଥିଲା । ୫ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏହି ସୁପର୍ ୫୦୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିଙ୍କ ପାଇଁ ଏହା ଏକ ନିରାଶାଜନକ ଆରମ୍ଭ । ପୁରୁଷ ଡବଲ୍ସ ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ଭାରତକୁ ପରାଜୟ ସହିବାକୁ ପଡ଼ିଛି । ଅଦ୍ୟୁତାଦିତ୍ୟ ରାଓ ଦୋଦ୍ଦଭରାପୁ ଓ ଅର୍ଜୁନ ରେଡ୍ଡୀ ପୋଚାନାଙ୍କ ଯୋଡ଼ି ଚୀନ୍ର ୱାଙ୍ଗ୍ ୟୁ ହାଙ୍ଗ୍ ଓ ଜେୱେଇ ଜିଏଙ୍କଠାରୁ ୧୪-୨୧, ୫-୨୧ ଗେ